ଅନୁଗୋଳ ବିଇଡି କଲେଜରେ ଜାତୀୟ ଆଲୋଚନାଚକ୍ର

# 'ସାମ୍ପ୍ରତିକ ଶିକ୍ଷକ ଶିକ୍ଷା କ୍ଷେତ୍ରରେ ନୂତନ ଶିକ୍ଷାଶାସ୍ତ୍ର ଓ ଗୁଣାତ୍ମକ ସମ୍ଭାବନା'

ଅନୁଗୋଳ,୧୮ ।୩(ସମିସ)

ସ୍ଥାନୀୟ ଅନୁଗୋଳସ୍ଥିତ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଅନୁଗୋଳରେ ଦୁଇ ଦିନ ଧରି ଜାତୀୟସ୍ତରୀୟ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି । "ସାମ୍ପ୍ରତିକ ଶିକ୍ଷକ ଶିକ୍ଷା କ୍ଷେତ୍ରରେ ନୂତନ ଶିକ୍ଷାଶାସ୍ତ୍ର ଓ ଗୁଣାତ୍ମକ ସମ୍ଭାବନା' ପ୍ରସଙ୍ଗରେ ଆୟୋଜିତ ଏହି ଆଲୋଚଚକ୍ରରେ ଭାରତର ବିଭିନ୍ନ ରାଜ୍ୟରୁ ଉପସ୍ଥାପକ, ଗବେଷକ ଓ ପ୍ରାଧ୍ୟାପକ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଉଦଘାଟନ ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ଭାବରେ ଗୁରୁ ଘାସି ଦାସ କେନ୍ଦ୍ରୀୟ ବିଶ୍ୱ ବିଶ୍ୱବିଦ୍ୟାଳୟ ଛତିଶଗଡ଼ର ପ୍ରାଧ୍ୟାପକ ଡଃ ସମ୍ବିତ କୁମାର ପାଢୀ ଯୋଗଦାନ କରିଥିବା ବେଳେ ପାନେଲିଷ୍ଟ ଭାବରେ ଇନ୍ଦିରା ଗାନ୍ଧୀ ଜାତୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ, ମଧ୍ୟପ୍ରଦେଶର ପ୍ରାଧ୍ୟାପକ ଡଃ ଆର. ହରିହରନ ଓ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ବରିଷ୍ଠ ପ୍ରାଧ୍ୟାପକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ବେହେରା ଓ ପ୍ରଫେସର ରାଜଲକ୍ଷ୍ମୀ ଦାସ ଯୋଗ ଦେଇଥିଲେ ।




ସେହିପରି ଦ୍ୱିତୀୟ ଦିବସରେ ପ୍ରମୁଖ ପାଟ୍ରନ ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ ତଥା ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱରର ଅବସରପ୍ରାପ୍ତ ପ୍ରାଧ୍ୟାପକ ଓ ଗବେଷଣା ପ୍ରଧାନାଚାର୍ଯ୍ୟ ପ୍ରଫେସର ଭୁଜେନ୍ଦ୍ର ନାଥ ପଣ୍ଡାଙ୍କ ସହିତ ପ୍ୟାନେଲିଷ୍ଟ ଭାବରେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ବରିଷ୍ଠ କ୍ଷେତ୍ର ନିର୍ଦ୍ଦେଶକ, ଭୁବନେଶ୍ୱର ପ୍ରଫେସର ସୁରେଶ କୁମାର ତ୍ରିପାଠୀ ତଥା ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱରର ପ୍ରଫେସର ଗୋରେମ୍ମା ଆଇ. ପି. ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ପାଟ୍ରନ ଭାବରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡଃ ଦ୍ରୌପଦୀ ପଟେଲଙ୍କ ସହିତ ସେମିନାର କମିଟିର ଆବାହକ ଡଃ ଅଜୟ କୁମାର ସ୍ୱାଇଁ ଓ ଯୁଗ୍ମ ଆବାହକ ସବ୍ୟସାଚୀ ଦାସ ଯୋଗ ଦେଇଥିଲେ । ଉଭୟ ଅନଲାଇନ ଓ ଅଫଲାଇନ୍‌ରେ ଆୟୋଜିତ କର୍ମଶାଳାରେ ରାଜ୍ୟ ତଥା ଜାତୀୟସ୍ତରର ସର୍ବମୋଟ ୪୬ ଟି ପେପର ଉପସ୍ଥାପିତ ହୋଇଥିଲା । ସହକାରୀ ପ୍ରଫେସର ବନମାଳୀ ବାଗ ଓ ଜୟନ୍ତୀ ପ୍ରଧାନ ବୈଷୟିକ ଓ ପ୍ରଯୁକ୍ତି ସହାୟତା ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ପ୍ରଫେସର ପ୍ରତ୍ୟୁଷ ରଞ୍ଜନ ସାହୁ ଓ ଡଃ ପ୍ରତିଭା ମଞ୍ଜରୀ ଦାସଙ୍କ ସମେତ ମହାବିଦ୍ୟାଳୟ ସମସ୍ତ ପ୍ରାଧ୍ୟାପକ/ ପ୍ରାଧ୍ୟାପିକା ଆୟୋଜକ ମଣ୍ଡଳୀ ଭାବରେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ଗବେଷକଙ୍କୁ ପ୍ରମାଣପତ୍ର ପ୍ରଦାନ ସହିତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ପ୍ରଥମ ବିସିଏ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ




**ଅନୁଗୋଳ,୧୮ ।୩(ସମିସ):** ସ୍ଥାନୀୟ ବିଜୁପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ତିନିଦିନିଆ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ବ୍ୟାଡମିଣ୍ଟନ କ୍ଲବ୍ ଅନୁଗୋଳ ଆନୁକୂଲ୍ୟରେ ଆୟୋଜିତ ଏହିପ୍ରତିଯୋଗିତାର ମିକ୍ସଡ୍ ଡବଲ୍ସରେ ମୁନାଲ ଏବଂ ନୀଶିତା ଚାମ୍ପିଅନ ହୋଇଥିବାବେଳେ ଚନ୍ଦ୍ର ଏବଂ ଯଶଶ୍ରୀ ରନର୍ସଅପ୍ ହୋଇଥିଲେ । ସେହିଭଳି ପୁରୁଷ ଡବଲ୍ସରେ ଅନୁଗୋଳର ଅମ୍ଳାନ ଗଡ଼ନାୟକ ଓ ଅନିର୍ବାଣ ସାମନ୍ତଙ୍କ ଯୋଡ଼ି ଭୁବନେଶ୍ୱରର ଚନ୍ଦ୍ର ଓ ଚରିତଙ୍କ ଯୋଡିକୁ ୨୪-୨୨ ଓ୨୧-୫ ରେ ଚାମ୍ପିଅନ ହୋଇଥିଲେ । ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ବିଜେତା ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଡବଲ୍ସ ବ୍ୟତୀତ ୧୩ ବର୍ଷରୁ କମ ବାଳକ ଓ ବାଳିକା ଏବଂ ୧୭ ବର୍ଷରୁ କମ ବାଳକ ଓ ବାଳିକାମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ସମ୍ମାନିତ ଅତିଥି ଭାବେ ଅନୁଗୋଳ ବାର୍ ସଭାପତି ଦିଲୀପ ସାହୁ ଯୋଗ ଦେଇଥିଲେ । କ୍ଲବ୍ ପକ୍ଷରୁ ପ୍ରଦ୍ୟୁତ କୁମାର୍ ଘୋଷ, ହିମାଂଶୁ ଭୂଷଣ ସାମଲ, ମହମ୍ମଦ ଆଜାରୁଦ୍ଦିନ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମାରୋହରେ ଦିବ୍ୟାଂଶି ପ୍ରିୟଦର୍ଶିନୀଙ୍କୁ ସୁଟିଂ ପାଇଁ ମୁଖ୍ୟ ଅତିଥି 'କ୍ରୀଡାଶ୍ରୀ' ସମ୍ମାନ ପ୍ରଦାନ କରିଥିଲେ ।



ଦୋଳ ପୂର୍ଣ୍ଣମୀ ଉପଲକ୍ଷେ ଅନୁଗୋଳ ବଜାରରେ ଶୋଭା ପାଉଛି ଛତି ତରାଶ ।

## ଚେକ୍ ବାଉନ୍ସ ମାମଲାର ରାୟ ପ୍ରକାଶ

**ତାଳଚେର,୧୮ ।୩(ସମିସ):** ତାଳଚେର ଜେଏମ୍ଏଫ୍‌ସି (ସି. ଟି) ଅସିତ୍ କୁମାର ସାହୁ ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ରାୟ ଶୁଣାଇଛନ୍ତି । ୱାନ୍‌ସିସି. ୦୧/୨୨ କେସ୍‌ର ଆବେଦନକାରୀ ସୁଦାମ ପଲେଇଙ୍କୁ ଅଭିଯୁକ୍ତ ଆସାମୀ ଶିବରାମ ପଲେଇ ଯିଏକି ସିଦ୍ଧନଇ ପଞ୍ଚାୟତ ସରକାରୀ ହାଇସ୍କୁଲ୍ ଗଞ୍ଜାମର ଖେଳ ଶିକ୍ଷକ, ସେ ସରକାରୀ ଚାକିରି ସହିତ କୋଇଲା ବ୍ୟବସାୟ କରୁଥିବାରୁ ଗତ ୨୦୨୨ ମସିହାରେ କୋଇଲା କ୍ରୟ ବାବଦକୁ ୩ଟି ଚେକ୍ ମାଧ୍ୟମରେ ୩୧ ଲକ୍ଷ ଟଙ୍କା ଦେଇଥିଲେ । ଉକ୍ତ ଚେକ୍ ଗୁଡିକ ବାଉନ୍ସ ହେବାରୁ ଆବେଦନକାରୀ ସୁଦାମ ପଲେଇ ଏକ ଚେକ୍ ବାଉନ୍ସ କେସ୍ କରିଥିଲେ । ମାନ୍ୟବର ଜେଏମ୍ଏଫ୍‌ସି (ସିଟି) ଉକ୍ତ ମକଦ୍ଦମାରେ ସମସ୍ତ ସାକ୍ଷ୍ୟପ୍ରମାଣକୁ ଭିତ୍ତି କରି ଆସାମୀ ଶିବରାମ ପଲେଇଙ୍କୁ ମୂଳ ପଇସା ୩୧ ଲକ୍ଷ ଟଙ୍କା ସହିତ ୯ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ସହ ସମୁଦାୟ ୪୦ ଲକ୍ଷ ଟଙ୍କା ଏବଂ ଏକ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦାୟ ଆଉ ୩ ମାସ କାରାଦଣ୍ଡ ପାଇଁ ରାୟ ଶୁଣାଇଛନ୍ତି । ଏହି ମୋକଦ୍ଦମାକୁ ଆବେଦନକାରୀଙ୍କ ପକ୍ଷରୁ ଓକିଲ ସୁଧିର ରଞ୍ଜନ ସ୍ୱାଇଁ ଏବଂ ଦୀନବନ୍ଧୁ ସାହୁ ପରିଚାଳନା କରୁଥିଲେ ।

## ଶନିଶ୍ଚରଙ୍କ ପ୍ରତିଷ୍ଠା ଉତ୍ସବ



ତାଳଚେର,୧୮ ।୩(ସମିସ): ତାଳଚେର ପୌରପରିଷଦ ୧୮ ନମ୍ବର ୱାର୍ଡ ଅନ୍ତର୍ଗତ ଦେଉଳବେଢା ତେଲିସାହି ସ୍ଥିତ ଗ୍ରହରାଜ ଶ୍ରୀ ଶନିଶ୍ଚର ମନ୍ଦିରର ପଞ୍ଚମ ପ୍ରତିଷ୍ଠା ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି । ଏହି ଅବସରରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଓ କାଉନସିଲର ଲୀନା ସାହୁ ଯୋଗଦେଇ ଜଗତର କଲ୍ୟାଣ କାମନା କରିବା ସହ ପ୍ରସାଦ ବଣ୍ଟନ କରିଥିଲେ । ଉତ୍ସବରେ ପ୍ରଥମ ଦିନ କଳସ ଯାତ୍ରା ହୋଇ ବିଶ୍ୱଶାନ୍ତି ଯଜ୍ଞର ଶୁଭାରମ୍ଭ ହୋଇଥିଲା । ଏଥିରେ ଆଇନଜୀବୀ ଜ୍ଞାନେଶ୍ୱର ସାହୁ ଓ ତାଙ୍କ ଧର୍ମପତ୍ନୀ ସହ ଗ୍ରାମର ପୂର୍ବତନ ସଭାପତି ବିଶ୍ୱନାଥ ସାହୁ ଓ ତାଙ୍କ ଧର୍ମପତ୍ନୀ ଯଜ୍ଞରେ କର୍ମକର୍ତ୍ତା ଭାବେ ବସିଥିଲେ । ଏହି ଉତ୍ସବରେ ଦୂରଦୂରାନ୍ତରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶତାଧିକ ଭକ୍ତ ସାମିଲ୍ ହୋଇ ଅନ୍ନପ୍ରସାଦ ପାଇଥିଲେ ।

■ ପ୍ରକାଶ ପାଇଛି ଗେଟ୍-୨୦୨୪ ପରୀକ୍ଷା ଫଳ

## କଣିହାଁ ମାଟିର ପୁଅ ସର୍ବଭାରତୀୟ ସ୍ତରରେରେ ୧ନଂ.



କଣିହାଁ,୧୮ ।୩(ସମିସ):ଅନୁଗୋଳ ଜିଲା କଣିହାଁ ବ୍ଲକ୍ ତେଲିସିଂହା ଗ୍ରାମର ପୁଅ ହୃତିଦିପନ ପ୍ରଧାନ ସର୍ବଭାରତୀୟ ସ୍ତରରେ ସ୍ନାତକ ପ୍ରବୃତ୍ତି ଯାନ୍ତ୍ରିକ ପରୀକ୍ଷା (ଧାତୁବିଦ୍ୟା) ୨୦୨୪ ପରୀକ୍ଷାରେ ଏକ ନମ୍ବର ର୍‌ୟାଙ୍କ ଅର୍ଜନ କରିଛନ୍ତି । ସୂଚନା ଯୋଗ୍ୟ ଯେ, ନାଲକୋ କର୍ମଚାରୀ ହଳଧର ପ୍ରଧାନଙ୍କ ପୁତ୍ର ହୃତିଦିପନ ପ୍ରଧାନ ଚଳିତ ବର୍ଷ ସର୍ବଭାରତୀୟସ୍ତରରେ ସ୍ନାତକ ପ୍ରବୃତ୍ତି ଯାନ୍ତ୍ରିକ ଓ ଧାତୁବିଦ୍ୟା ୨୦୨୪ ଗେଟ୍ ପରୀକ୍ଷାରେ ୧ନଂ. ର୍‌ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେ ଡିପିଏସ୍ ନାଲ୍‌କୋନଗର ଅନୁଗୋଳରେ ମାଟ୍ରିକ ଓ ଯୁକ୍ତ ୨ ପଢିବା ପରେ ଆଇଆଇଟି (ଆଇଏସ୍ଏମ ) ଧାନବାଦରେ ବିଟେକ୍ ଶିକ୍ଷାର ଶେଷ ବର୍ଷର ଛାତ୍ର । ଏହି ସଫଳତା ପାଇଁ ସେ ଶିକ୍ଷକ, ବାପା, ମା', ବଡ଼ବାପା ଓ ସାଙ୍ଗଙ୍କୁ ଶ୍ରେୟ ଦେଇଛନ୍ତି । ତାଙ୍କର ସଫଳତା ପାଇଁ କଣିହାଁ ଅଞ୍ଚଳରେ ବିଭିନ୍ନ ଅନୁଷ୍ଠାନ ଓ ବୁଦ୍ଧିଜୀବୀ ସାଧୁବାଦ ଜଣାଇଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରବାସୀ କାର୍ଯ୍ୟକର୍ତ୍ତା ବୈଠକ

ତାଳଚେର,୧୮ ।୩(ସମିସ): ତାଳଚେର ବ୍ଲକ କଲମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରବାସୀ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଶିକ୍ଷାବିକାଶ ସମିତିର ମଧ୍ୟସମ୍ଭାଗ ଅନ୍ତର୍ଗତ ଦଶଟି ସଙ୍କୁଳର ସଙ୍କୁଳ ପ୍ରମୁଖ ଓ ସଂଯୋଜକ ଯୋଗ ଦେଇଥିଲେ । ମଧ୍ୟସମ୍ଭାଗ ସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପୂର୍ବକ୍ଷେତ୍ର ସହ ସଂପାଦକ ହେମନ୍ତ କୁମାର ପାଣିଗ୍ରାହୀ, ସମ୍ମାନୀତ ଅତିଥି ଭାବରେ ପ୍ରାନ୍ତ ବିଦ୍ୱତ ପରିଷଦ ସଂଯୋଜକ ଅଶ୍ୱିନୀ କୁମାର ନାୟକ ଓ ମଧ୍ୟ ସମ୍ଭାଗ ସଂପାଦକ ସନ୍ତୋଷ କୁମାର ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ମଧ୍ୟ ସମ୍ଭାଗ ସଂଯୋଜକ ମଧୁସୂଦନ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଗତ ଦିନରେ ଶିକ୍ଷା ବିକାଶ ସମିତି,ଓଡିଶାଙ୍କ ଯୋଜନା ଅନୁଯାୟୀ ଅନୁଷ୍ଠିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ତାହାସହିତ ଆଗାମୀ ଶିକ୍ଷା ବର୍ଷରେ ବିଭିନ୍ନ ନୂତନ ଯୋଜନା କାର୍ଯ୍ୟକାରୀ କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଅନୁଗୋଳ ବିଭାଗ ନିରୀକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଢେଙ୍କାନାଳ ବିଭାଗ ନିରୀକ୍ଷକ ଗଣେଶ୍ୱର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । କଲମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତିର ଉପସଭାପତି ତପନ କୁମାର ସାହୁ, ସଂପାଦକ ବିଭୂତି ଭୂଷଣ ସ୍ୱାଇଁ ଓ ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## ଟାଇଁସିରେ ବିଜେଡି କର୍ମୀ ସମ୍ମିଳନୀ ଓ ପ୍ରଶିକ୍ଷଣ ଶିବିର



**ଅନୁଗୋଳ ,୧୮ ।୩(ସମିସ):** ଅନୁଗୋଳ ବ୍ଲକ୍ ଅନ୍ତର୍ଗତ ଟାଇଁସି ଠାରେ ବିଜୁ ଜନତା ଦଳର ଏକ ସାଂଗଠନିକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ଟାଇଁସି, ଅନ୍ତୁଲିଆ ଓ କୋଠଭୂଇଁ ଗ୍ରାମ ପଞ୍ଚାୟତର ଶତାଧିକ ସକ୍ରିୟ ଯୁବ ଓ ବରିଷ୍ଠ ବିଜେଡି କର୍ମୀ ଶୀବିରରେ ଅଂଶଗ୍ରହଣ କରିଥିଲେ । ଅନ୍ତୁଲିଆ ଗ୍ରାମ ପଞ୍ଚାୟତର ବିଜେଡି ସଭାପତି ଦିଲ୍ଲୀପ କୁମାର ପ୍ରଧାନ ଶିବିରରେ ସଭାପତିତ୍ୱ କରିଥିଲେ । ଚଳିତ ସାଧାରଣ ନିର୍ବାଚନ ପାଇଁ ପ୍ରକାଶ ପାଇଥିବା ଭୋଟର୍ ତାଲିକା , ଭୋଟ୍ ଓ ବୁଥ୍ କେନ୍ଦ୍ର ସହିତ ନୂତନ ଭୋଟର୍ ସମ୍ବନ୍ଧରେ ପଞ୍ଚାୟତସ୍ତରୀୟ ଆଲୋଚନା ହୋଇଥିଲା । ପ୍ରତ୍ୟକ ଗ୍ରାମ ଓ ପଞ୍ଚାୟତସ୍ତରରେ କାର୍ଯ୍ୟକାରୀ ହୋଇଥିବା ସାମୂହିକ ବିକାଶ ସରକାରୀ ଯୋଜନା, ବ୍ୟକ୍ତିଗତ ସୁବିଧା ହାସଲ ହୋଇଥିବା ସରକାରୀ ଯୋଜନା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ତୃଣମୂଳସ୍ତରରେ କର୍ମୀମାନେ ଭୋଟରମାନଙ୍କୁ ସରକାରୀ ଯୋଜନା ସମ୍ବନ୍ଧରେ ଅବଗତ କରାଇବା ସହିତ ଯୋଜନା ଗୁଡିକ କାର୍ଯ୍ୟକାରୀ କରାଇବାରେ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା । ଗତ ୨୦୧୯ ସାଧାରଣ ନିର୍ବାଚନଠାରୁ ସାଂଗଠନିକ ପରିଚାଳନା ଦାୟିତ୍ୱ ଇଂ. ନଳିନୀକାନ୍ତ ପ୍ରଧାନ ନେଉଥିବା ଏବଂ କ୍ରମଶଃ ବିଜେଡି ଭୋଟ୍ ହାର ବୃଦ୍ଧି ପାଉଥିବା ନେଇ ଆଲୋଚନା କରାଯାଇଥିଲା । ବିଜେଡି ପଦଯାତ୍ରା, ବିଭିନ୍ନ ପ୍ରକାର ଦକ୍ଷତା ବୃଦ୍ଧିର ପ୍ରଶିକ୍ଷଣ ଶିବିର, ପ୍ରତିଷ୍ଠା ଦିବସ, ସମଲେଶ୍ୱରୀ ପରିକ୍ରମା ଯୋଜନା ଏବଂ ସରକାରୀ ଯୋଜନାକୁ ଲୋକମାନଙ୍କ ପାଖକୁ ପହଞ୍ଚାଇବାରେ ନଳିନୀ ବାବୁଙ୍କ ଉଦ୍ୟମକୁ କର୍ମୀମାନେ ପ୍ରଶଂସା କରିଥିଲେ ।

## ବଅଁରପାଳରେ ନୂତନ ଥାନାଧିକାରୀଙ୍କ ଯୋଗଦାନ



**ବଅଁରପାଳ, ୧୮ ।୩(ସମିସ):** କିଛି ଦିନର ବ୍ୟବଧାନ ପରେ ବଅଁରପାଳ ଥାନାରେ ଥାନାଧିକାରୀ ଭାବେ ଯୋଗ ଦେଇଛନ୍ତି ଦୁଷ୍ମନ୍ତ କୁମାର ସିଂହ । ପୂର୍ବରୁ ଥିବା ଥାନାଧିକାରିଣୀ ନିରୁପମା ଜେନାଙ୍କର ଗତ ୭ ତାରିଖରେ ଅନ୍ୟତ୍ର ବଦଳି ହେବାରୁ କିଛିଦିନ ପଦବୀ ଖାଲି ପଡିଥିଲା । ନୂତନ ଥାନାଧିକାରୀ ଶ୍ରୀଯୁକ୍ତ ସିଂହ ଏହା ପୂର୍ବରୁ ଗୋପାଳପ୍ରସାଦ ଥାନାରେ ଅବସ୍ଥାପିତ ଥିଲେ । ଅଞ୍ଚଳରୁ ଅସାମାଜିକ କାର୍ଯ୍ୟକଳାପ ଓ ଚୋରାମଦ କାରବାର ବନ୍ଦ କରିବା ସହ ଉଶୃଙ୍ଖଳିତ ଗାଡି ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି ।

## ମଦ ଜବତ, ଜଣେ ଗିରଫ

ବଇଣ୍ଡା, ୧୮ ।୩(ସମିସ):ଠାକୁରଗଡ଼ ପୁଲିସ ଘୋଡାବାନ୍ଧୁଣି ଗ୍ରାମରେ ଚଢାଉ କରି ଚନ୍ଦ୍ରି ପ୍ରଧାନଙ୍କ ଘରୁ ୧୭ ଲିଟର ଦେଶୀ ମହୁଲି ମଦ ଜବତ କରିଛି । ଏଥିସହ ତାଙ୍କୁ ଗିରଫ କରାଯାଇଛି । ସେ ଘରେ ଚୋରାମଦ ବ୍ୟବସାୟ କରୁଥିବା ଖବର ପାଇ ଠାକୁରଗଡ଼ ପୁଲିସ ଚଢଉ କରି ଗିରଫ କରିଥିଲା । ଏ ନେଇ ଏକ ମାମଲା ରୁଜୁ କରାଯାଇଛି ।

## ମଦ୍ୟପ ଚାଳକ ଗିରଫ; ବାଇକ୍ ଜବତ

**ବଇଣ୍ଡା, ୧୮ ।୩(ସମିସ):** କିଶୋରନଗର ପୁଲିସ ପକ୍ଷରୁ ଘୋଷର ଗ୍ରାମରେ ଗାଡି ମଟର ଯାଞ୍ଚ କରାଯିବାବେଳେ ମଦ୍ୟ ପାନ କରି ବାଇକ ଚଳାଉଥିବା ଅଭିଯୋଗରେ ଗୁଜାପଥର ଗ୍ରାମର ପ୍ରଶାନ୍ତ ପ୍ରଧାନଙ୍କୁ ଗିରଫ କରାଯାଇଛି । ଏଥିସହ ତାଙ୍କ ବାଇକ ଜବତ କରାଯାଇଛି । ସେ ମଦ୍ୟପାନ କରି କିଶୋରନଗରରୁ ହିମିତିରା ଅଭିମୁଖେ ଆସୁଥିବାବେଳେ ପୁଲିସ ଯାଞ୍ଚରେ ପଡିଥିଲେ ।




# ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତାଙ୍କୁ ମରଣାନ୍ତକ ଆକ୍ରମଣ



**ଅନୁଗୋଳ, ୧୮ ।୩(ସମିସ):** ତାଳଚେର ଟ୍ରକ ମାଲିକ ସଂଘରେ ଜଣେ କର୍ମକର୍ତ୍ତାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଲିଙ୍ଗରାଜ କୋଇଲା ଖଣି ଫାଷ୍ଟ୍ କମ୍ ଫାଷ୍ଟ ସର୍ଭିସ ନିୟମ ଉଲ୍ଲଂଘନ ନେଇ ଗତକାଲି ସକାଳେ ଲିଙ୍ଗରାଜ ପ୍ରବେଶ ଗେଟ ସମ୍ମୁଖରେ ଟ୍ରକ ମାଲିକ ସଂଘ ସଭାପତି ଅରବିନ୍ଦ ଭୂତିଆ ଓ ସଂଘର ସଦସ୍ୟ ଦିଲୀପ ମହାପାତ୍ର ଡେସ୍‌ପାଚ୍ ଇନଚାର୍ଜଙ୍କୁ ଡାକି ନମ୍ବର ହୋଇନଥିବା ଓ ବିନା ସିରିଏଲ୍‌ରେ କିପରି ଟ୍ରକକୁ ଟୋକନ ଦିଆହେଇ କୋଇଲା ଲୋଡ଼ିଂ କରିବାକୁ ଅନୁମତି ପ୍ରଦାନ କରୁଛନ୍ତି ଏହା ଫାଷ୍ଟ କମ ଫାଷ୍ଟ ସର୍ଭିସ ନିୟମ ବିରୁଧ ବୋଲି ସଭାପତି ଡେସ୍‌ପାଚ୍ ଇନ୍‌ଚାର୍ଜଙ୍କୁ ପ୍ରଶ୍ନ କରିଥିଲେ। ତେବେ ସେଠାରେ ଥିବା ମା' ତାରିଣୀ ପରିବହନ ସଂସ୍ଥାର ଲୋଡିଂ ପିଲା ବିରୋଧ କରିଥିଲେ। ଏନେଇ ରାଗରଖି ଉତକ୍ଷିପ୍ତ ହେବାସହ ସଂଘକୁ ଯାଇ ସଂଘର କର୍ମକର୍ତ୍ତା ଦିଲୀପ ମହାପାତ୍ରକୁ ସିସି ଅମାନ୍ତ ଓ ବୁଲୁ ମହଲା ଦୁହେଁ ମିଶି ମରଣାତ୍ମକ ଆକ୍ରମଣ କରିବା ସହ ଜୀବନରୁ ମାରିବାକୁ ଧମକ ଦେଇଥିବା ଏତଲାରେ ଦର୍ଶାଯାଇଛି। ଆକ୍ରମଣରେ ଦିଲୀପ ମହାପାତ୍ରଙ୍କ ଛାତିରେ ଆଘାତ ହୋଇଥିଲା। ସେ ତାଳଚେର ଥାନାରେ ଲିଖିତ ଏକ ଅଭିଯୋଗ କରିଛନ୍ତି। ମା' ତାରିଣୀ ପରିବହନ ସଂସ୍ଥା କାମ କରୁଥିବା ମୁକେଶଙ୍କ ନାମରେ ପୂର୍ବରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ମଧ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ ତାହା ପ୍ରଶ୍ନବାଚୀ। ଯଦି ପ୍ରଶାସନ ପକ୍ଷରୁ ପରିବହନ ସଂସ୍ଥାର ଦଲାଲ ସାଜିଥିବା ଗୁଣ୍ଡାମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ଆଗାମୀ ଦିନରେ ଏହି ସଂସ୍ଥାର ପରିବହନ ହେଉଥିବା ସମସ୍ତ କୋଇଲା କାମକୁ ବନ୍ଦ କରିବାକୁ ବାଧ ହେବେ ବୋଲି ଟ୍ରକ ମାଲିକମାନେ ଚେତାବନୀ ଦେଇଛନ୍ତି।

# ଶାଳକାଠ ବୋଝେଇ ଗାଡ଼ି ଜବତ



**ଆଠମଲ୍ଲିକ ୧୮ ।୩(ସମିସ):** ଆଠମଲ୍ଲିକ ବନଖଣ୍ଡ କିଆକଟା ବନାଞ୍ଚଳ ପକ୍ଷରୁ ଚଢଉ କରାଯାଇ ସୋମବାର ବାରେଣୀ ଛକ ନିକଟରେ ଶାଳକାଠ ନିର୍ମିତ କବାଟ ଝରକା ଚୌକାଠ ବୋଝେଇ ଏକ ପିକ୍‌ଅପ୍ ଗାଡି ଜବତ କରାଯାଇଛି। ମାଧପୁର ବନାଞ୍ଚଳ ଅଧିକାରୀ ବିଜୟ କୁମାର ସାହୁ ଓ ବାମୁର ବନାଞ୍ଚଳ ଅଧିକାରୀ ସରୋଜ କୁମାର ମିଶ୍ରଙ୍କ ନିର୍ଦ୍ଦେଶରେ ମଧାହ୍ନରେ ବନରକ୍ଷୀ ସବିତା ବାଘ, ବନରକ୍ଷୀ ସୋମ୍ୟରଞ୍ଜନ ପଣ୍ଡା, କଦଳୀମୁଣ୍ଡା ବନପାଳ ସୁରେନ୍ଦ୍ର ପାତ୍ର ଓ ୱାଚର ବରଦା ମହାକୁଡ଼ ପ୍ରମୁଖ ଚଢଉ କରିଥିଲେ। ଶାଳ ଚୌକାଠ ବୋଝଇ ଗାଡିକୁ ଜବତ କରିବାସହ ସୁବର୍ଣ୍ଣପୁର ଗ୍ରାମର ଚାଳକ ସରୋଜ ସାହୁକୁ ଗିରଫ କରାଯାଇଛି। ଜବତ କାଠର ମୂଲ୍ୟ ଆନୁମାନିକ ୨୮ ହଜାର ଟଙ୍କା ହେବ।

# କଲେଜ୍ ସାମ୍ନା ରାସ୍ତା ଦବିଗଲା



**ଅନୁଗୋଳ, ୧୮ ।୩(ସମିସ):** ଆଜି ଅପରାହ୍ନରେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସାମ୍ନା ରାସ୍ତା ହଠାତ୍ ଫାଟି ଦବିଯାଇଥିଲା। ଏହି ଆର୍‌ଏଣ୍ଡବି ବିଭାଗର ରାସ୍ତାଟି ବେଶୀଦିନର ନୁହେଁ। ନିମ୍ନମାନର କାମ ଯୋଗୁ ରାସ୍ତା ଦବି ଥାଇପାରେ ନଚେତ୍ ଭିତରେ ପାଣି ପାଇପ ଫାଟିବାରୁ ଏଭଳି ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ତେବେ ଏହି ରାସ୍ତାରେ ଚାରିଚକିଆ ଯାନ ଠାରୁ ଭାରିଯାନ ଚାଲୁ ଥିବାରୁ ତୁରନ୍ତ ମରାମତି ନକଲେ ରାସ୍ତାରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଏନେଇ ଆର୍‌ଏଣ୍ଡବିର ଜେଇଙ୍କୁ ଯୋଗାଯୋଗ ପାଇଁ କଲା କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନଥିଲେ।

# ବ୍ଲକସ୍ତରୀୟ ପୋଷଣ ସଚେତନତା ଅଭିଯାନ

**କଣିହାଁ, ୧୮ ।୩(ସମିସ):** କଣିହାଁ ବ୍ଲକ ମିଶନଶକ୍ତି ଭବନରେ ସୋମବାର ବ୍ଲକସ୍ତରୀୟ ପୋଷଣ ଦିବସ ପାଳନ ସହିତ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଡିପିଓ ଝୁନୁବାଳା ଦେଇ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲାବେଳେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ବିପିଏମ୍ ସରୋଜ କୁମାର ଦାସଙ୍କ ସହିତ ବିଭାଗୀୟ ପଦାଧିକାରୀ ଯୋଗ ଦେଇ ପୋଷଣ ଖାଦ୍ୟର ଉପକାରିତା ବିଷୟରେ ମତବ୍ୟକ୍ତ କରିଥିଲେ। ଅନେକ କିଶୋରୀ ବାଳିକା, ଅଙ୍ଗନବାଡି କର୍ମୀ, ଆଶାକର୍ମୀଙ୍କ ସହିତ ସମ୍ବନିତ ଶିଶୁ ବିକାଶ କାର୍ଯ୍ୟାଳୟର କର୍ମଚାରୀ ଅଂଶଗ୍ରହଣ କରି ସଚେତନତା ସୃଷ୍ଟି ଦିଗରେ ସଂକଳ୍ପ ନେଇଥିଲେ। ଅଙ୍ଗନବାଡି କର୍ମୀ ମାନଙ୍କ ତରଫରୁ ଏକ ସୁଷମ ଖାଦ୍ୟର ପ୍ରଦର୍ଶନୀ ଷ୍ଟଲ ଖୋଲାଯାଇଥିଲା।

# ଜମି ଅଧିଗ୍ରହଣ ପାଇଁ ଘରୋଇ ସର୍ଭେକୁ ବିରୋଧ

**ତାଳଚେର, ୧୮ ।୩(ସମିସ)**

ବଳଭଦ୍ର କୋଇଲାଖଣି ନିମନ୍ତେ ଜମି ଅଧିଗ୍ରହଣ ପାଇଁ ହେବାକୁ ଥିବା ଘରୋଇ ସର୍ଭେକୁ ବିରୋଧ କରି କୁମୁଣ୍ଡା ପଞ୍ଚାୟତବାସୀଙ୍କ ପକ୍ଷରୁ ଆଜି ତାଳଚେର ଉପଜିଲ୍ଲାପାଳ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗ୍ରାମବାସୀଙ୍କ ସୂଚନା ଅନୁସାରେ ଏମ୍‌ସିଏଲର ବଳଭଦ୍ର କୋଇଲାଖଣି ନିମନ୍ତେ ତାଳଚେର ବ୍ଲକ କୁମୁଣ୍ଡା ଗ୍ରାମପଞ୍ଚାୟତର ସମସ୍ତ ଗ୍ରାମର ସମ୍ପୂର୍ଣ୍ଣ ଅଧିଗ୍ରହଣ ନିମନ୍ତେ ନୋଟିଫିକେସନ୍ ହୋଇଥିବାବେଳେ ଆଗାମୀ ଦିନରେ ଗ୍ରାମଗୁଡ଼ିକର ପୁନର୍ବାସ ଓ ଥଇଥାନ କରାଯିବ। ଏନେଇ ପ୍ରଦତ୍ତ ପତ୍ର ସଂଖ୍ୟା-ଏମସିଏଲ/ଜିଏମ୍ (ଏଚଏ) ଏଲଆଣ୍ଡ ଆର-୧/୨୦୨୪/ ୧୩୮ ତା ୧୨।୩।୨୦୨୪ ରିଖ ସରକାରଙ୍କ ଦ୍ୱାରା ୯(୧) ନୋଟିଫିକେସନ ହୋଇ ସାରିଛି। କିନ୍ତୁ ଉକ୍ତ ପତ୍ରରେ ଉଲ୍ଲେଖ ହୋଇଥିବା କିଛି ତଥ୍ୟ ଗ୍ରାମବାସୀମାନଙ୍କ ମନରେ ଭୟ ଓ ଆଶଙ୍କା ସୃଷ୍ଟି କରିଛି। ତେବେ ଗ୍ରାମବାସୀ ଏମ୍‌ସିଏଲ ଦ୍ୱାରା ଜମି ଅଧିଗ୍ରହଣ କରାଯାଇ ପ୍ରଦାନ କରାଯାଉଥିବା ପୁନର୍ବାସ ଓ ଥଇଥାନ ସୁବିଧାକୁ ଆଖି ଆଗରେ ରଖି ସର୍ବଦା ଏମ୍‌ସିଏଲର କୋଇଲାଖଣିଗୁଡିକୁ ସ୍ୱାଗତ କରି ଆସୁଛନ୍ତି। କିନ୍ତୁ ପ୍ରଦତ୍ତ ପତ୍ରରେ ଏକ ଘରୋଇ ସଂସ୍ଥା ଏମ/ ଏସ୍ ଭିପିଆର ବଳଭଦ୍ର କୋଲ୍ ମାଇନ୍ସ ପ୍ରାଇଭେଟ୍ ଲିଃ (ଭିପିଆର-ବିସିଏମପିଏଲ୍) ଦ୍ୱାରା ସର୍ଭେ,

**■ କୁମୁଣ୍ଡାବାସୀଙ୍କ ପକ୍ଷରୁ ତାଳଚେର ଉପଜିଲ୍ଲାପାଳଙ୍କୁ ଦାବିପତ୍ର**

ମେଜରମେଣ୍ଟ ସହ ଉକ୍ତ ସଂସ୍ଥା ସହାୟତାରେ କ୍ଷତିପୂରଣ ରାଶି ଏବଂ ପୁନର୍ବାସ ଓ ଥଇଥାନ ବ୍ୟବସ୍ଥା କରାଯିବ ବୋଲି ଉଲ୍ଲେଖ କରାଯାଇଛି। ଉକ୍ତ ଘରୋଇ ସଂସ୍ଥା ଏକ ନୂଆ ସଂସ୍ଥା ହୋଇଥିବା ବେଳେ ତାହାର ସର୍ଭେ ଜନିତ କୌଣସି ଅଭିଜ୍ଞତା ନଥିବା ଆଶଙ୍କା ପ୍ରକାଶ ପାଇଛି। ଏହି ବିଷୟବସ୍ତୁକୁ ନେଇ ଗତ ୧୭ ତାରିଖରେ ଅନୁଷ୍ଠିତ ହୋଇଥିବା ବୈଠକରେ ନିଷ୍ପତି ଅନୁଯାୟୀ ଉକ୍ତ ପତ୍ରକୁ ଗ୍ରାମବାସୀଙ୍କ ତରଫରୁ ନିନ୍ଦା କରିବା ସହ ପ୍ରତ୍ୟାଖାନ କରାଯାଇଛି। ତେବେ ଗ୍ରାମବାସୀ ଏମ୍‌ସିଏଲ କର୍ତ୍ତୃପକ୍ଷଙ୍କୁ ସର୍ବଦା ସ୍ୱାଗତ କରିବେ, କିନ୍ତୁ କୌଣସି ଘରୋଇ ସଂସ୍ଥାକୁ ନିଜର ଜମି ପ୍ରଦାନ କରିବେ ନାହିଁ ବୋଲି ପ୍ରକାଶ କରିବା ସହ ଜମି ଅଧିଗ୍ରହଣ ସମ୍ବନ୍ଧରେ କୌଣସି ଘରୋଇ ସଂସ୍ଥାକୁ ସର୍ବେକ୍ଷଣ ପାଇଁ ଅନୁମତି କିମ୍ବା ସହଯୋଗ କରିବେ ନାହିଁ। ଏଣୁ ଉପରୋକ୍ତ ସମସ୍ୟା ସମ୍ବନ୍ଧରେ ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର, ଲୋକ ପ୍ରତିନିଧି ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ କରାଯାଇ ଗ୍ରାମବାସୀଙ୍କୁ ପ୍ରଦାନ କରାଯିବାକୁ ଥିବା କ୍ଷତିପୂରଣ ରାଶି, ପୁନର୍ବାସ ଓ ଥଇଥାନ ସୁବିଧା ଏବଂ ନିଯୁକ୍ତିର ରୂପରେଖ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସମସ୍ତ ସୁବିଧା ଏମସିଏଲ ଦ୍ୱାରା ପ୍ରଦାନ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଉ। ଏହାପରେ ଏମସିଏଲ ଦ୍ୱାରା ହେବାକୁ ଥିବା ଡ୍ରୋନ ଦ୍ୱାରା ସର୍ବେକ୍ଷଣ କିମ୍ବା ମାପଚୂପ କରାଯିବ। ସେ ପର୍ଯ୍ୟନ୍ତ ଗ୍ରାମବାସୀମାନେ କୌଣସି ଡ୍ରୋନ୍ ଦ୍ୱାରା ସର୍ବେକ୍ଷଣ କିମ୍ବା ମାପଚୁପକୁ ବିରୋଧ କରିବା ସହ କୌଣସି ଘରୋଇସଂସ୍ଥା କିମ୍ବା କର୍ମଚାରୀକୁ ଗ୍ରାମକୁ ଆସିବା ପାଇଁ ଅନୁମତି ପ୍ରଦାନ କରାଯିବ ନାହିଁ। ତତ୍‌ମଧ୍ୟରେ କୌଣସି ଅଘଟଣ କିମ୍ବା ଅସୁବିଧା ସୃଷ୍ଟି ହେଲେ ଏମ୍‌ସିଏଲ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ପଞ୍ଚାୟତବାସୀ ପ୍ରକାଶ କରିଛନ୍ତି। ଏହି ଦାବିପତ୍ରର ନକଲ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଉତ୍ତରାଞ୍ଚଳ ଆରଡିସି, ଢେଙ୍କାନାଳ ସାଂସଦ, ତାଳଚେର ବିଧାୟକ, ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକ ଏବଂ ପୁଲିସ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ କୁମୁଣ୍ଡା ପଞ୍ଚାୟତ ସରପଞ୍ଚ ବବିତା ସେଠ, ସନ୍ତୋଷ କୁମାର ପ୍ରଧାନ, ବଳଭଦ୍ର କୋଇଲାଖଣି କ୍ଷତିଗ୍ରସ୍ତ ପ୍ରଜାସଂଘର ସଭାପତି ଭୁବନାନନ୍ଦ ପ୍ରଧାନ, ବେଣୁଧର ବେହେରା, ପ୍ରଦୀପ କୁମାର ସାହୁ, ବିଭୁତି ଭୁଷଣ ପ୍ରଧାନ, ବିନୋଦ ପ୍ରଧାନ ଓ ଦୁଃଶାସନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ମନ୍ଦିର ଦାନବାକ୍ସ ଭାଙ୍ଗି ଲୁଟ୍**

# ଏସ୍‌ପିଙ୍କ କାର୍ଯ୍ୟାଳୟ ଦ୍ୱାରସ୍ଥ ହେଲେ ତୁକୁଡ଼ା ଗ୍ରାମବାସୀ



**ଅନୁଗୋଳ, ୧୮ ।୩(ସମିସ):** ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ଅନ୍ତର୍ଗତ ତୁକୁଡା ଗ୍ରାମବାସୀ ଆଜି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଯେ, ତୁକୁଡ଼ା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଦକ୍ଷିଣ କାଳୀଙ୍କ ମନ୍ଦିର ୨ଶହ ବର୍ଷରୁ ଅଧିକ ହେବ ଅବସ୍ଥିତ। କେହି ଦୁର୍ବୃତ୍ତ ଏହି କାଳୀ ମନ୍ଦିରର ଦାନବାକ୍ସ ଭାଙ୍ଗି ସେଥିରୁ ଟଙ୍କା ଲୁଟ କରିନେଇଥିଲେ। ଏ ନେଇ ଜରପଡ଼ା ଥାନାରେ ଅଭିଯୋଗ କରିଥିଲେ। ତେବେ ପୁଲିସ ପକ୍ଷରୁ ଠିକ୍ ଭାବରେ ତଦନ୍ତ ହୋଇନଥିବା ଗ୍ରାମବାସୀ ଅଭିଯୋଗ କରିବା ସହ, ଆଜି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇଥିଲେ। ଏ ଘଟଣା ବିଷୟରେ ଜରପଡ଼ା ଥାନା ଅଧିକାରୀଙ୍କୁ ପଚାରିବାରୁ ଗ୍ରାମ କମିଟି ପକ୍ଷରୁ ମନ୍ଦିରରୁ ଚୋରି ହେଇଛି ବୋଲି ଅଭିଯୋଗ ହୋଇଥିଲା। ତଦନ୍ତ କରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଏବେ ବି ତଦନ୍ତ ଚାଲିଛି ବୋଲି କହିଥିଲେ ଥାନା ଅଧିକାରୀ।

# ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



**କଣିହାଁ, ୧୮ ।୩(ସମିସ):** କଣିହାଁ ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୬୯ ମସିହାର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସେ ସମୟ ରେ ଶିକ୍ଷାଦାନ କରୁଥିବା ଶିକ୍ଷକ ବ୍ରଜବନ୍ଧୁ ପ୍ରଧାନ, ମାୟାଧର ସାମଲ ଓ ବର୍ତ୍ତମାନର ପ୍ରଧାନ ଶିକ୍ଷକ ଦାଶରଥି ଜେନା ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟର ପ୍ରତିଷ୍ଠାତା ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଆଲୁମିନି ସଭାପତି ସୁକାନ୍ତ ଚନ୍ଦ୍ର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଶିକ୍ଷକ ସିଦ୍ଧି ପ୍ରସାଦ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରେ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବେଣୁଧର ଦାସଙ୍କ ଗୁରୁବନ୍ଦନା ସହିତ ଉପସ୍ଥିତ ପଇଁ ତିରିଶ ଜଣ ସହଧ୍ୟାୟୀ ଗୁରୁ ଦ୍ୱୟଙ୍କ ପଦ ବନ୍ଦନା ସହିତ ସମ୍ମାନିତ କରିଥିଲେ। ପରଲୋକଗତ ଶିକ୍ଷକ ଓ ସାଙ୍ଗମାନଙ୍କ ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମର ସଫଳତା ପାଇଁ ଡିଲେଶ୍ୱର୍ ପ୍ରଧାନ, ସୁକାନ୍ତ ଚନ୍ଦ୍ର ପ୍ରଧାନ, କୃଷ୍ଣା କୁମାରୀ ପ୍ରଧାନ, ନାବାର୍ଡର ଅବସରପ୍ରାପ୍ତ ସିଜିଏମ ପ୍ରତାପ ଚନ୍ଦ୍ର ସାହୁ ନୃସିଂହ ଚରଣ ସାହୁ, ପ୍ରମୋଦ ଚନ୍ଦ୍ର ପ୍ରଧାନ, ନିରାକାର ସାହୁ, ପ୍ରାଣବନ୍ଧୁ ସ୍ୱାଇଁ, ଡଃ ମହେଶ୍ୱର ପ୍ରଧାନ ପ୍ରମୁଖ ଅକ୍ଳାନ୍ତ ପରିଶ୍ରମ କରିଥିଲେ।

# ଓଡିଶୀ ସଂକୀର୍ତ୍ତନ ମଣ୍ଡଳୀର ବାର୍ଷିକ ଉତ୍ସବ



**ବଇଣ୍ଠା, ୧୮ ।୩(ସମିସ):** ଆଧୁନିକ ଯୁଗରେ ଏବେ ସଂକୀର୍ତ୍ତନ ପରିବେଷଣ କମିବାରେ ଲାଗିଛି। ପ୍ରତ୍ୟକ ପୂଜା ଓ ପର୍ବପର୍ବାଣିରେ ସଂକୀର୍ତ୍ତନ ଯୋଗୁ ଗାଁ ଦାଣ୍ଡ କମ୍ପି ଉଠୁଛି। ତେଣୁ ପରମ୍ପରା ସଂସ୍କୃତିକୁ ବଞ୍ଚାଇବାକୁ ହେଲେ ସଂକୀର୍ତ୍ତନ ବଞ୍ଚି ରହିବା ଆବଶ୍ୟକ ବୋଲି ଆଠମଲ୍ଲିକ ବ୍ଲକ କନ୍ତପଡ଼ା ପରିସରରେ ଅନୁଷ୍ଠିତ ପତିପାବନ ଆଞ୍ଚଳିକ ଓଡିଶୀ ସଂକୀର୍ତ୍ତନ ମଣ୍ଡଳୀର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଅଜିତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଟାମଡା ଅଧକ୍ଷ ମୀନକେତନ ଅମାନ୍ତ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଓଡିଶୀ ସଂକୀର୍ତ୍ତନ ମଣ୍ଡଳୀର ଅନୁଗୋଳ ଜିଲ୍ଲା ସଂଯୋଜକ ରଞ୍ଜନ କୁମାର ବିଷୋଇ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ସମ୍ପାଦକ ମୁକୁନ୍ଦ ସାହୁ, କୋଷାଧକ୍ଷ ମହେଶ୍ୱର ସାହୁ, କିଶୋରୀ ବିଶ୍ୱାଳ, ଯୋଗ ଦେଇଥିଲେ। ଏଥିରେ ସଂକୀର୍ତ୍ତନ ମଣ୍ଡଳୀର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ନାମ, ଗୀତାଯଜ୍ଞ ଉଦ୍‌ଯାପିତ

**କଣିହାଁ ୧୮ ।୩(ସମିସ):** କଣିହା ବ୍ଲକର ସାନତ୍ରିବିଡା ପଞ୍ଚାୟତ ସାନହାର ଗ୍ରାମରେ ଶ୍ରୀମଦ୍ ଭାଗବତ ଗୀତାଯଜ୍ଞ ରବିବାର ଠାରୁ ଆରମ୍ଭ ହୋଇଛି। ସେହିପରି ରଙ୍ଗବଡା ଗ୍ରାମରେ ଚାରିପ୍ରହର ନାମଯଜ୍ଞ ରବିବାର ଠାରୁ ଆରମ୍ଭ ହୋଇଛି। ଉଭୟ ଗ୍ରାମରେ କଳସ ଯାତ୍ରା, ମଙ୍ଗଳ ଅଧିବାସ ନାମଯଜ୍ଞ ଇତ୍ୟାଦି କର୍ମକୁ ନେଇ ବିଜ୍ଞ ପଣ୍ଡିତ ବିଧିକର୍ମ କରୁଥିବା ବେଳେ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି। ରବିବାର ଓ ସୋମବାର ଉଭୟ ଗ୍ରାମରେ ନଗର ସଂକୀର୍ତ୍ତନ ସହିତ କାର୍ଯ୍ୟକ୍ରମ ସମାପନ ହୋଇଯାଇଛି। ସମାପନ ଉତ୍ସବରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଅନୁଗୁଳ ସେବା ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, ସରପଞ୍ଚ ସୁଜାତା ପ୍ରଧାନ, ରୁକ୍ମିଣୀ ପ୍ରଧାନ, ସାମାଜିକ କର୍ମୀ ନିର୍ମଳ ସାହୁ, ଟିକନ ପ୍ରଧାନ, ପବିତ୍ର ମୋହନ ସାହୁ, ବୃନ୍ଦାବନ ପ୍ରଧାନ ପ୍ରମୁଖ ଯୋଗଦେଇ ସମସ୍ତ ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ ବିଧାୟକ ଶ୍ରୀ ପ୍ରଧାନ ମଙ୍ଗଳ କାମନା କରି ଆଶୀର୍ବାଦ ଲାଭ କରିଥିଲେ।

# କିଶୋରନଗରରେ ଟାକ୍ସଫୋର୍ସ କମିଟି ବୈଠକ

**କିଶୋରନଗର, ୧୮ ।୩(ସମିସ):** କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଘରଠାରେ ଦ୍ୱିତୀୟ ପର୍ଯ୍ୟାୟ ଟାକ୍ସଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିନୟ କୁମାର ମିଶ୍ରଙ୍କ ଅଧକ୍ଷତାରେ ବିପିଏମ ଅଜିତ୍ କୁମାର ସାହୁ ସ୍ୱାଗତ୍ ଭାଷଣ ପ୍ରଦାନ କରିଥିବା ବେଳେ ଭେକ୍ଟରବାହିତ ରୋଗର ପର୍ଯ୍ୟବେକ୍ଷକ ଅନୀଲ କୁମାର ସାମଲ ଯୋଗଦେଇ ସଫଳତାର ସହ ଦମନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ନେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଦମନ କାର୍ଯ୍ୟକ୍ରମ ଦ୍ୱାରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୮ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ରର ୩୮ଟି ଗ୍ରାମରେ ୧୪ଟି ଶିବିର ମାଧ୍ୟମରେ ୫୬୦୧ ଜଣ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସମସ୍ତଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିବା ଆଲୋଚନା ହୋଇଥିଲା। ବୈଠକରେ ଜିଲ୍ଲା ପରିଷଦ ଅଧକ୍ଷା ବବିତା ପ୍ରଧାନ, ପିଏଚ୍‌ଇଓ ରୁଦ୍ରନାରାୟଣ ରଥ, ଏଟିଏସ୍ ଅନ୍ତର୍ଯ୍ୟାମୀ ସାହୁଙ୍କ ସମେତ ପଞ୍ଚାୟତ ପ୍ରତିନିଧି ଓ ସ୍ୱାସ୍ଥ୍ୟକର୍ମୀମାନେ ଯୋଗ ଦେଇଥିଲେ।

# ଧର୍ମପରାୟଣ ମହିଳାଙ୍କ ପରଲୋକ



କିଶୋରନଗର, ୧୮ ।୩(ସମିସ): କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତ କସ୍ତୁରୀବାହାଳ ଗ୍ରାମର ମହାଦେବ ଦାଶଙ୍କ ଧର୍ମପତ୍ନୀ କମଳା ଦାଶଙ୍କ ଭୂବନେଶ୍ୱର ସ୍ଥିତ ଏକ ଘରୋଇ ହସପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ହୋଇଥିଲା। ଅନ୍ତିମ ଶଯ୍ୟା ନିକଟରେ ତାଙ୍କର ପୁତ୍ର, ପୁତ୍ରବଧୂ, ଝିଅ-ଜ୍ୱାଇଁ ଓ ନାତି ନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କର ଏକମାତ୍ର ପୁତ୍ର ଆଦିତ୍ୟ ମୁଖାଗ୍ନି ଦେଇଥିଲେ।

**ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ପ୍ରଥମ ବାର୍ଷିକ ଉତ୍ସବ**

# ଇତିହାସ ଭିତରେ ଲୁଚି ରହିଛି ଆମ ପରିଚୟ




**ଢେଙ୍କାନାଳ, ୧୮।୩ (ସମିସ)**

ସ୍ଥାନୀୟ ବିଜ୍ଞାନ କେନ୍ଦ୍ର ସଭାକକ୍ଷ ଠାରେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଆୟୋଜିତ କାର୍ଯ୍ୟକ୍ରମକୁ ନ୍ୟାସନାଲ୍ ଡିଫେନ୍ସ ଏକାଡେମୀର ଅବସରପ୍ରାପ୍ତ ନିର୍ଦ୍ଦେଶକ, ବିଶିଷ୍ଟ ଐତିହାସିକ ପ୍ରଫେସର୍ ଡ.ହରିହର ପଣ୍ଡା ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ଇତିହାସରେ ଓଡ଼ିଶା ଓ ଢେଙ୍କାନାଳର ସ୍ଥାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଆମ ଐତିହ୍ୟର ସଂରକ୍ଷଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଓ ଗବେଷକ ଡ.ଭବାନୀ ଶଙ୍କର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମନୋଜ୍ଞ ଉତ୍ସବରେ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ଯୁବରାଜ ଅମରଜ୍ୟୋତି ସିଂହଦେଓ ଢେଙ୍କାନାଳ ମାଟିର ଅତୀତ ଗୌରବ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଐତିହ୍ୟ ପଦଯାତ୍ରାର ଆବାହକ କବି ସୁରେଶ ପ୍ରସାଦ ମିଶ୍ରଙ୍କ ଚତୁର୍ଥ କବିତା ସଂକଳନ କମନୀୟ କାରୁଣ୍ୟ ପୁସ୍ତକକୁ ଲୋକାର୍ପଣ କରିଥିଲେ ଓ କବି ଅକ୍ଷୟ ପାତ୍ର ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି ଉତ୍ସବକୁ କଟକ ହେରିଟେଜ୍ ୱାକ୍ ର ଆବାହକ ଡ.ଦୀପକ ସାମନ୍ତରାୟ ପରିଚାଳନା କରିଥିଲେ। ଏହି ସଭାରେ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ କଲେଜ ମାନଙ୍କର ଅଧ୍ୟାପକ ଅଧ୍ୟାପିକା, ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗର ପି.ଜି ଓ ଅନ୍ୟାନ୍ୟ ବିଭାଗର ଛାତ୍ରଛାତ୍ରୀ, ମଠକରଗୋଳା କଲେଜ, ସଂସ୍କାର ଏକାଡେମୀ, ଢେଙ୍କାନାଳ ଓ ଭାରତୀୟ ଜନ ସଞ୍ଚାର ସଂସ୍ଥାନର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡ.ମୃଣାଳ ଚାଟାର୍ଜୀ, ଡ.ମଳୟ ପତି, ଅଧ୍ୟାପକ ଅନୀଲ ଜେନା, ବିପିନ ପାଣି, ରମେଶ ପତି, ବହୁ ସାମ୍ବାଦିକ ତଥା ମାନ୍ୟଗଣ୍ୟ ନିମନ୍ତ୍ରିତ ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ। ଶେଷରେ ସୁରେଶ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରି ଥିଲେ।

# ବ୍ରହ୍ମାନନ୍ଦ ମେମୋରିଆଲ ଟୁର୍ଣ୍ଣାମେଣ୍ଟ: ପ୍ରୟାସ ଚାମ୍ପିଅନ୍

**ଭୂବନ, ୧୮।୩ (ସମିସ) :** ଭୂବନ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ବ୍ରହ୍ମାନନ୍ଦ ମେମୋରିଆଲ୍ ନାଇଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ପ୍ରୟାସ ୧୯୯୧ ଜେନିଥ କ୍ଲବକୁ ୨୩ ରନ୍‌ରେ ହରାଇ ଚାମ୍ପିଅନ୍ ହୋଇଛି। ପ୍ରୟାସ ୧୯୯୧ ଟସ୍‌ରେ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ମାତ୍ର ୩ଟି ୱିକେଟ୍ ହରାଇ ୧୦୯ ରନ୍ କରିଥିବା ବେଳେ ଏହାର ଜବାବରେ ଜେନିଥ୍ କ୍ଲବ ୧୦ ଓଭରରେ ୪ ୱିକେଟ୍ ହରାଇ ମାତ୍ର ୮୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ପ୍ରୟାସ ଟିମ୍ ତରଫରୁ ଡମ୍ବରୁଧର ପୃଷ୍ଟି ୮ଟି ଚୌକା ଓ ୩ଟି ବିଶାଳ ଛକା ସହାୟତାରେ ବ୍ୟକ୍ତିଗତ ୫୩ରନ୍ ସଂଗ୍ରହ କରି ଦଳକୁ ବିଜୟୀ କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଆଜିର ମ୍ୟାଚରେ ଯୋଡ଼ା ଡିଡିଏମ୍ ଦିନେଶ କୁମାର ଅଗ୍ରୱାଲା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରୟାସ ଟିମ୍କୁ ଚାମ୍ପିଅନ୍ ଟ୍ରଫି ପ୍ରଦାନ କରିଥିଲେ। ପ୍ରୟାସ ଟିମ୍ କ୍ୟାପଟେନ୍ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଦଳଗତ ପ୍ରୟାସ ଯୋଗୁ ପ୍ରୟାସ ଟିମ୍ ବିଜୟୀ ହେଲା ବୋଲି ମତବ୍ୟକ୍ତ କରିବା ସହ ସମସ୍ତ ସାଥୀ ଓ ଆୟୋଜକଙ୍କୁ ଧନ୍ୟବାଦ ଜଣାଇଥିଲେ।



# ଡକାୟତି ଯୋଜନା ପଣ୍ଡ, ୪ ଗିରଫ

● ଭୁଜାଲି, ଖଣ୍ଡା, ଲୁହା ରଡ଼, ମୋବାଇଲ ଜବତ



**ପାରାଦୀପ, ୧୮।୩ (ସମିସ) :** ଏକ ଡକାୟତ ଗ୍ୟାଙ୍ଗକୁ କାବୁ କରିଛି ଲକଥାନା ପୁଲିସ।ଘଟଣାସ୍ଥଳରୁ ୪ ଅସାମାଜିକ ଯୁବକଙ୍କୁ ଧରିବା ସହ ସେମାନଙ୍କ ନିକଟରୁ ଭୁଜାଲି, ଖଣ୍ଡା, ଲୁହା ରଡ଼, ମୋବାଇଲ ଓ ୩ ଟ୍ରକ ବ୍ୟାଟେରୀକୁ ଜବତ କରିଛି ପୁଲିସ।ପୁଲିସ ସୂଚନା ଅନୁଯାୟୀ ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ପାରଦୀପ ଲକ୍ ଏଫଏସର ଶ୍ରୀକାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ନିହାରୁନି ଠାକୁର ନିକଟସ୍ଥ ଚାନ୍ଦନୀ ଜଙ୍ଗଲ ନିକଟରେ ଚଢଉ କରିଥିଲେ। ଚଢ଼ଉ ବେଳେ ଚାରିଜଣ ଅସାମାଜିକ ବ୍ୟକ୍ତିଙ୍କୁ ଏକାଠି କାବୁ କରିଥିଲେ।ସେମାନଙ୍କ ନିକଟରୁ ମାରାତ୍ମକ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରିଥିଲେ। ଗିରଫ ୪ ଅସାମାଜିକଙ୍କର ଅପରାଧିକ ରେକର୍ଡ ରହିଛି ଏବଂ ସେମାନେ ଅନେକ ସମ୍ପତ୍ତି ଅପରାଧ ମାମଲାରେ ଜଡିତ ଅଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପୁଲିସ ଅଧିକ ତଦନ୍ତ ଜାରି ରଖିଥିବା ଥାନା ଲକଥାନା ଅଧିକାରୀ କୁଳମଣି ସେଠୀ ସୂଚନା ଦେଇଛନ୍ତି। ଗିରଫ ୪ ଜଣ ହେଲେ ପିପଳର ବୁଦ୍ଧ ଚନ୍ଦନ ସେଠୀ (୩୭),ନିମିଡ଼ିର ଲୋକନାଥ ରାଉତ (୨୫), ନିମିଡ଼ିର ଜଗୁ ଓରଫ ଜଗନ୍ ସେନାପତି (୧୯) ଓ ପିପଳର ଲିପୁ ଓରଫ ଲିପୁନ୍ କୁମାର ସେଠୀ (୩୧) । ଥାନାରେ ମାମଲା ରୁଜୁ ହେବା ସହ ସମସ୍ତ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

# ପଟ୍ଟାମୁଣ୍ଡାଇ କଲେଜ ପଦାର୍ଥବିଜ୍ଞାନ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

**ପଟ୍ଟାମୁଣ୍ଡାଇ,୧୮।୩(ସମିସ):** ପଟ୍ଟାମୁଣ୍ଡାଇ କଲେଜ ପଦାର୍ଥ ବିଜ୍ଞାନ ବିଭାଗ ଓ କେନ୍ଦ୍ରାପଡ଼ା ଅଟୋନମସ କଲେଜ ପକ୍ଷରୁ ମିଳିତ ଭାବେ ମଡ଼ର୍ଣ୍ଣ ଟ୍ରେଣ୍ଡ ଇନ ଫିଜିକ୍ସ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି ।କଲେଜ ଅଧକ୍ଷ ପ୍ରଫେସର ଦିଲ୍ଲୀପ ଭୂୟାଁଙ୍କ ପୌରହିତ୍ୟ ଓ ବିଭାଗୀୟ ମୁଖ୍ୟ ଡ଼ ରମେଶ କୁମାର ସାହୁଙ୍କ ସଂଯୋଜନା ରେ ଆୟୋଜିତ ଆଲୋଚନାଚକ୍ରରେ ଖୋର୍ଦ୍ଧା -ଜଟଣୀ ନାଇଜ କଲେଜର ପ୍ରଫେସର ଡ଼ ଶୁଭକାନ୍ତ ବେଦାନ୍ତ, ଡ଼ ତପନ କୁମାର ମିଶ୍ର ରିସୋରର୍ସ ପରସନ ଭାବେ ଯୋଗ ଦେଇ ନାନୋ ଫିଡ଼କସ ଓ ଅଲଟ୍ରା କୋଲଡ଼ ତାପମାତ୍ରା ଉପରେ ତାତ୍ତ୍ୱିକ ଆଲୋଚନା କରିଥିଲେ ।ଏହି ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ଆଳି କଲେଜ ଅଧ୍ୟାପକ ଦୋଳଗୋବିନ୍ଦ ଚୌଧୁରୀ, ଇନ୍ଦୁପୁର କଲେଜ ଅଧ୍ୟାପକ ପଟଳ ବିହାରୀ ପଣ୍ଡା,ଓଳାଭର କଲେଜ ଅଧ୍ୟାପକ ଅବିନାଶ ପାତ୍ର, ଚିତ୍ରୋତ୍ପଳା କଲେଜ ଅଧ୍ୟାପକ ପ୍ରଦୋଷ ପାଣି, କେନ୍ଦ୍ରାପଡ଼ା ତୁଳସୀ ମହିଳା କଲେଜ ଅଧ୍ୟାପକ ବ୍ରହ୍ମାନନ୍ଦ ସେଠୀ, ବ୍ରାହ୍ମଣୀ କଲେଜ ଅଧ୍ୟାପକ ବିଷ୍ଣୁପଦ ରାୟ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ ଓ ପ୍ରାଧ୍ୟାପକ ବୈକୁଣ୍ଠ ରାଉଳ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ଅମିତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ସ୍ୱାସ୍ଥ୍ୟପାଇଁ ପୁଷ୍ଟି ଶସ୍ୟ ମାଣ୍ଡିଆ

**ଜଗତସିଂହପୁର,୧୮।୩(ସମିସ):** ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନସାଫ ଆନୁକୂଲ୍ୟରେ ସ୍ଥାନୀୟ ମହିଳା କଲେଜ ଅଫ ନର୍ସିଂଠାରେ 'ସ୍ୱାସ୍ଥ୍ୟପାଇଁ ପୁଷ୍ଟି ଶଷ୍ୟ ମାଣ୍ଡିଆ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଇଫିକୋ, ପାରାଦୀପ ବନ୍ଦର ପ୍ରଶାସନ ଓ ନେହେରୁ ଯୁବକେନ୍ଦ୍ର ମିଳିତ ସହଯୋଗରେ ଆୟୋଜିତ ଏହି ସଚେତନତା ଧର୍ମୀ କାର୍ଯ୍ୟକ୍ରମକୁ ବର୍ଷିଆନ ଗାନ୍ଧିବାଦୀ ବଂଶୀଧର ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଇନ୍‌ସାଫର ସଭାପତି ଗୌରାଙ୍ଗ ଚରଣ ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଲୋଚକା ଭାବେ କୃଷି ବିଷାରଦ ରମେଶ ଚନ୍ଦ୍ର ଦାସ, ଆୟୁର୍ବେଦିକ ଚିକିତ୍ସକ ଦେବଦତ୍ତ ସାମନ୍ତରାୟ ଓ ସମ୍ମାନୀୟ ଅତିଥିଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ, ନର୍ସ କଲେଜ ଅଧକ୍ଷା ଡ. ଖୁଲଣା କୁମାରୀ ଦେଇ, ନିର୍ଦ୍ଦେଶକ ଗଣେଷ ଚନ୍ଦ୍ର ମାଣିଆ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ପାଇଁ ପୃଷ୍ଟି ଶସ୍ୟ ମାଣ୍ଡିଆର ଖାଦ୍ୟମୂଲ୍ୟ , ପୃଷ୍ଟିର ଗୁରୁତ୍ୱ ଓ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ବିଜ୍ଞାନ ଶିକ୍ଷକ ସଞ୍ଜମ କିଶୋର ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଇନସାଫର ବୈଷୟିକ ଉପଦେଷ୍ଟା ଉତ୍କଳ ରଞ୍ଜନ ମହାନ୍ତି ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ଦର୍ଶାଇଥିଲେ। ଏହି ଅବସରରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ମିଲେଟ ସଂପର୍କରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ବ୍ୟବସାୟୀ ସୁରେଶ ବେହେରାଙ୍କ ପରଲୋକ

**ପଟ୍ଟାମୁଣ୍ଡାଇ,୧୮।୩(ସମିସ):** ପଟ୍ଟାମୁଣ୍ଡାଇ ଲକ୍ଷ୍ମୀନାରାୟଣ ବଜାରରେ ହୋଟେଲ ଓ ଜଳଖିଆ ଚାହା ଦୋକାନ କରିଥିବା ପୋଖରୀଆପଡା ଗ୍ରାମର ସୁରେଶ ଚନ୍ଦ୍ର ବେହେରା (ମିଟିକା)ଙ୍କ(୫୮)ର ଆଜି ସନ୍ଧ୍ୟାରେ ଆକସ୍ମିକ ପରଲୋକ ହୋଇଯାଇଛି । ଆଜି ସନ୍ଧ୍ୟା ସମୟରେ ଦୋକାନରେ ଚାହା ପ୍ରସ୍ତୁତ କରି ଗ୍ରାହକମାନଙ୍କୁ ଦେଉଥିବାବେଳେ ହଠାତ ତଳେ ପଡି ଯାଇ ବସି ପଡ଼ିଥିଲେ ଓ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ପଟ୍ଟାମୁଣ୍ଡାଇ ହସ୍ପିଟାଲକୁ ନିଆଯାଇଥିଲା ଓ ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ । ତାଙ୍କ ମୃତ୍ୟୁରେ ପଟ୍ଟାମୁଣ୍ଡାଇର ବ୍ୟବସାୟୀ ମହଲରେ ଶୋକର ଛାୟା ଖେଳିଯାଇଛି।

● ଦଲାଲଙ୍କ କବ୍‌ଜାରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ

# ସାଜିଛନ୍ତି ସର୍ବେସର୍ବା; ଇଙ୍ଗିତରେ ହେଉଛି କାମ

କେନ୍ଦ୍ରାପଡା,୧୮।୩(ସମିସ)




ପରିବହନ ବିଭାଗର ଲାଇସେନ୍ସ ହେଉ କି ଗାଡି ରେଜିଷ୍ଟ୍ରେସନ୍ ସବୁ କିଛି ଏବେ ଦଲାଲଙ୍କ କବଜାରେ। ଦଲାଲ ଆଉ ମଧ୍ୟସ୍ଥିକୁ ହଟାଇବାକୁ ସରକାରଙ୍କ ପକ୍ଷରୁ ଅନଲାଇନ ବ୍ୟବସ୍ଥା ଭଳି ଯୋଜନା କରାଯାଇଛି । ହେଲେ ଦଲାଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ନିଜ ହେପାଜତକୁ ନେଇଛନ୍ତି । ଏମିତିକି ଆରଟିଓଙ୍କ ଚେୟାରରେ ଦଲାଲ ବସୁଥିବା ଦେଖିବାକୁ ମିଳିଛି । ଚେୟାରରେ ବସି ସେହି କାର୍ଯ୍ୟାଳୟର କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଉଥିବା ଅଭିଯୋଗ ହୋଇଛି । ସବୁଆଡେ କିଛି ମାତ୍ରାରେ ଦଲାଲଙ୍କ ରୋକ ଲାଗିଥିଲେ ମଧ୍ୟ କେନ୍ଦ୍ରାପଡ଼ା ଆଞ୍ଚଳିକ ପରିବହନ କେନ୍ଦ୍ରରେ ଏବେ ମଧ୍ୟ ଦଲାଲଙ୍କ ସଂଖ୍ୟା କମ ହୋଇନି । କିଛି ଅସାଧୁ କର୍ମଚାରୀଙ୍କୁ ହାତ କରି ଏବେ ମଧ୍ୟ ମଧ୍ୟସ୍ଥି କାରବାର ଚାଲିଛି ।ତେବେ ଦଲାଲଙ୍କ କଥା ଯଦି ନରହୁଛି ତେବେ ଅଧିକାରୀଙ୍କୁ ଧମକଚମକ ଦେଇ ଭୟଭୀତ କରାଯାଉଛି ।ଅଭିଯୋଗ ମୁତାବକ, ଡ୍ରାଇଭିଂ ଟେଷ୍ଟରେ ପାସ କରାଇ ଦେବାକୁ ମୋଟା ଅଙ୍କର ଅର୍ଥ କାରବାର ହେଉଛି । ଯଦି ଆବେଦନକାରୀ ଟେଷ୍ଟରେ ଫେଲ ହୋଇଯାଉଛନ୍ତି ,ତେବେ ଦଲାଲଙ୍କ ଜରିଆରେ ଅଧିକାରୀଙ୍କ ନିକଟକୁ ମୋଟା ଅର୍ଥ ଯିବା ପରେ ପାସ ହୋଇଯାଉଛି ବୋଲି ଅଭିଯୋଗ ହେଉଛି । ତେବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଯଦି ଆରଟିଓ କାର୍ଯ୍ୟାଳୟ ଦଲାଲଙ୍କ ବିରୋଧରେ କାହିଁକି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି । ଦଲାଲଙ୍କ ଭୟରେ ଏବେ ଅଧିକାରୀମାନେ ବାଧ୍ୟ ହୋଇ ଚୁପ ରହୁଛନ୍ତି ବୋଲି ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି । ସରକାରଙ୍କ ଯୋଜନା ଅନୁଯାୟୀ, ସାଧାରଣ ଲୋକଙ୍କୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡିବନି ।ଦୀର୍ଘ ସମୟ ଲମ୍ବା ଲାଇନରେ ଛିଡା ହେବାକୁ ପଡ଼ିବନି । ସ୍ୱଚ୍ଛତା ବଜାୟ ରଖିବାକୁ ପରିବହନ ବିଭାଗର ସମସ୍ତ ସେବା ଅଫଲାଇନ ପରିବର୍ତ୍ତେ ଅନଲାଇନରେ ଉପଲବ୍ଧ ହେବାକୁ ନିର୍ଦ୍ଦେଶ ରହିଛି ।ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ଦଲାଲମୁକ୍ତ କରିବାକୁ ଏପରି ନିଷ୍ପତ୍ତି ନିଆଯାଇଛି । ଗାଡ଼ି କିଣିଲେ ଆରଟିଓ ପରିବର୍ତ୍ତେ ଡିଲର ପଏଣ୍ଟରେ ହିଁ ରେଜିଷ୍ଟ୍ରେସନ୍ ହେଉଛି ।ସେ ଦୁଇ ଚକିଆ ହେଉ କିମ୍ବା ଚାରିଚକିଆ , ଯେକୌଣସି ଗାଡି କିଣିଲେ, ରେଜିଷ୍ଟ୍ରେସନ୍ ଭଳି କାର୍ଯ୍ୟ ବି ଡିଲର ପଏଣ୍ଟରେ ହେବା ନେଇ ନିର୍ଦ୍ଦେଶ ରହିଛି ।ଏଥିପାଇଁ ସମସ୍ତ ଗାଡ଼ି ଡିଲରଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଛି ।ମୋଟର ଯାନ ସଂଶୋଧନ ଆଇନ ଲାଗୁ ହେବା ପରେ ପରିବହନ ବିଭାଗ ଗାଡ଼ି ଚାଳକଙ୍କ ପାଇଁ ନିୟମ ସବୁ କଡ଼ାକଡ଼ି ହୋଇଛି । ଗାଡ଼ି ଚଳାଇବା ବେଳେ ଟିକେ ଭୁଲ ହେଲେ ଦେବାକୁ ପଡୁଛି ମୋଟା ଅଙ୍କର ଅର୍ଥର ଜରିମାନା। ଏଥିପାଇଁ ବିଭିନ୍ନ ଗାଡ଼ି କାଗଜପତ୍ର କରିବାକୁ ପରିବହନ କେନ୍ଦ୍ରଗୁଡ଼ିକରେ ଲମ୍ବା ଲାଇନ୍ ସବୁବେଳେ ଦେଖିବାକୁ ମିଳୁଛି। ଏହି ଭିତର ସୁଯୋଗ ନେଉଛନ୍ତି ଦଲାଲମାନେ । ଏମିତିକି କାର୍ଯ୍ୟାଳୟ ପରିସର ଭିତରେ କିମ୍ବା ବାହାରେ ଦଲାଲଙ୍କ ରାଜୁତି ବନ୍ଦ କରିବାକୁ ଯେତେ ଚେଷ୍ଟା କରାଗଲେ ମଧ୍ୟ ସେଥିରେ ଦଲାଲ ସୁଧରୁନାହାନ୍ତି । ଧରାପଗଡ଼ ନେଇ ବିଗତ ଦିନରେ ରାଜ୍ୟରେ ବିଭିନ୍ନ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରୁ ଦଲାଲ ଗିରଫ ହେଉଛନ୍ତି । ହେଲେ କେନ୍ଦ୍ରାପଡ଼ା ଆରଟିଓ କାର୍ଯ୍ୟାଳୟରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଉନି ବୋଲି ସାଧାରଣ ଲୋକ ପ୍ରଶ୍ନ କରିଛନ୍ତି।

ତେଲ ରେଟ୍ କମ୍ କରାଯିବା ତଥ୍ୟ ଚୋରି ନେଇ ଯୋଗାଣ ବିଭାଗକୁ ଅଭିଯୋଗ

# ତେଲ ଟାଙ୍କିରେ ବେଆଇନ କାରବାର କରି କୋଟି କୋଟି ଟଙ୍କା ଲୁଟ୍

କେନ୍ଦ୍ରାପଡ଼ା,୧୮।୩(ସମିସ)



ଗତ ମାର୍ଚ୍ଚ ୭ ତାରିଖରୁ ୧୪ ପର୍ଯ୍ୟନ୍ତ କେତୋଟି ନିର୍ଦ୍ଦିଷ୍ଟ ପେଟ୍ରୋଲ ପମ୍ପ ଏକ ଟଙ୍କା କମ୍ ମୂଲ୍ୟରେ ତେଲ ବିକ୍ରୀ କରି ଟାଙ୍କି ସଫା କରିଦେଇଛନ୍ତି । ସାଧାରଣତଃ ଦେଶରେ ଏକ ନିର୍ଦ୍ଦିଷ୍ଟ ମୂଲ୍ୟରେ ପେଟ୍ରୋଲ ଓ ଡିଜେଲ ବିକ୍ରୀ ପାଇଁ ନୀତି ନିର୍ଦ୍ଧାରଣ କରାଯାଇଛି । ଯଦି ସରକାର କେବେ ତେଲ ମୂଲ୍ୟ ବୃଦ୍ଧି କରନ୍ତି ବା ହ୍ରାସ କରନ୍ତି ତେବେ ସରକାର ସମସ୍ତ ତଥ୍ୟ ଗଣମାଧ୍ୟମରେ ପ୍ରଚାର ପ୍ରସାର କରାନ୍ତି । ବିନା ବିଜ୍ଞାପନ ପ୍ରଚାରରେ କେବେ ମୂଲ୍ୟ ବୃଦ୍ଧି ବା ହ୍ରାସ କରିବା କୌଣସି ଟାଙ୍କି ମାଲିକ ବା କମ୍ପାନୀ ପକ୍ଷରେ ଜାଣିବା ବ୍ୟବସ୍ଥା ନଥାଏ ।ନିର୍ବାଚନ ସମୟ ଆସିଲେ ଲୋକଙ୍କଠାରୁ ଅନୁକମ୍ପା ପାଇବା ପାଇଁ ପ୍ରାୟତଃ ତେଲ ରେଟ୍ ହ୍ରାସ କରାଯାଏ ।ସେହି ନ୍ୟାୟରେ ଗତ ସପ୍ତାହରେ ପେଟ୍ରୋଲ ଓ ଡିଜେଲରେ ୨ ଟଙ୍କା ହ୍ରାସ କରାଯାଇ ବିଜ୍ଞାପିତ କରାଯାଇଛି ।ହେଲେ କେନ୍ଦ୍ରାପଡାର ଦୁହୁରିଆ ଓ ତିନିମୁହାଣୀ ମଧ୍ୟରେ ଥିବା ତେଲ ଟାଙ୍କିରେ ଗତ ୭ ତାରିଖରୁ ୧୪ ପର୍ଯ୍ୟନ୍ତ ୧ ଟଙ୍କା କମରେ ତେଲ ବିକ୍ରୀ କରି ସେମାନେ ସେମାନଙ୍କ ନିକଟରେ ଷ୍ଟକ୍ ଥିବା ସମସ୍ତ ତେଲକୁ ଶେଷ କରି ଦେବାକୁ ସକ୍ଷମ ହୋଇଛନ୍ତି । ଯଦ୍ୱାରା ନିୟମଭଙ୍ଗ ହେଲା ।ଏତଦ୍ୱାରା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତେଲ ବିକ୍ରୀ କରିଦେଇଥିବାରୁ ଏହି ଟାଙ୍କି ସମେତ ସାରା ଜିଲ୍ଲାରେ ଥିବା ଟାଙ୍କିରେ ମାଲିକ, ମ୍ୟାନେଜର, ସେଲସ ମ୍ୟାନେଜର, ଏରିଆ ମ୍ୟାନେଜରମାନେ ବହୁ କୋଟି ଟଙ୍କାର ବେପାର କରି ଲାଭବାନ ହେଲେ । ଏତଦ୍ୱାରା ଭାରତ ସରକାରଙ୍କର ତେଲ ରେଟ୍ କମ୍ କରାଯିବା ତଥ୍ୟ ଚୋରି ହୋଇଥିବାରୁ ତଦନ୍ତ କରି ସମସ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରଦେଶ କଂଗ୍ରେସ ପ୍ରଚାର କମିଟି ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ବିଧୁଭୂଷଣ ମହାପାତ୍ର ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀଙ୍କ ନିକଟରେ ଦାବୀ କରିଛନ୍ତି।

# ଝାମ୍ପିନେଲେ ସୁନା ଚେନ୍

**କେନ୍ଦ୍ରାପଡ଼ା,୧୮।୩(ସମିସ):** ରାସ୍ତାରେ ସ୍କୁଟି ପଛରେ ବସି ଘରକୁ ଯାଉଥିବା ବେଳେ ଜଣେ ମହିଳାଙ୍କ ବେକରୁ ସୁନା ଚେନ ଦୁର୍ବୃତ୍ତ ଝାମ୍ପି ନେଇଛନ୍ତି । ବେକରୁ ଜୋରରେ ସୁନା ଚେନ ଟାଣି ନେବାରୁ ତାଙ୍କ ବେକରେ ଗଭୀର କ୍ଷତ ସୃଷ୍ଟି ହୋଇଛି ।ଏହିଭଳି ଏକ ଘଟଣା ମହାକାଳପଡ଼ା ଥାନା ଅଧୀନ କିଆରବାଙ୍କ ଅଞ୍ଚଳର ଅକ୍ଷୟ କୁମାର ନାଥ ପତ୍ନୀଙ୍କ ସହ ଘଟିଛି । ଅଭିଯୋଗ ମୁତାବକ, ଗତ ରବିବାର ଅପରାହ୍ନ ସମୟରେ ଅକ୍ଷୟ ଏବଂ ତାଙ୍କ ପତ୍ନୀ ସ୍କୁଟି ଯୋଗେ ଜାତୀୟରାଜପଥ ୫୩ର ମାର୍ଶାଘାଇର ଛଗରିଆ ରାସ୍ତାରେ ଯାଉଥିଲେ ।ଏହି ସମୟରେ ଏକ ବାଇକରେ ଜଣେ ଦୁର୍ବୃତ୍ତ ପହଞ୍ଚି ହଠାତ ଅକ୍ଷୟଙ୍କ ପତ୍ନୀ ପିନ୍ଧିଥିବା ସୁନାଚେନ ଝାମ୍ପି ନେଇ ଫେରାର ହୋଇଯାଇଥିଲେ । ଦୁର୍ବୃତ୍ତ ସୁନା ଚେନ ନେବା ପରେ ଅକ୍ଷୟଙ୍କ ପତ୍ନୀ ବେକରୁ ରକ୍ତସ୍ରାବ ହୋଇଥିଲା । ରାସ୍ତାରେ କେହି ନଥିବାରୁ ଅକ୍ଷୟ ଦୁର୍ବୃତ୍ତଙ୍କ ପିଛା କରିପାରିନଥିଲେ ।ଫଳରେ ଦୁର୍ବୃତ୍ତ ଜଣକ ଅତି ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ । ଅକ୍ଷୟ ତାଙ୍କ ପତ୍ନୀଙ୍କୁ ମେଡ଼ିକାଲ ନେଇ ଚିକିତ୍ସିତ କରିବା ପରେ ସଦର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତ। ପୁଲିସ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ମଦନମୋହନଙ୍କ ନୂତନ ସିଂହାସନ ପ୍ରତିଷ୍ଠା

**ଗରଦପୁର,୧୮।୩(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ବଡ଼ବେତରାସ୍ଥିତ ପ୍ରଭୁ ମଦନମୋହନ ଜୀଉଙ୍କ ମନ୍ଦିରରେ ନୂତନ ସିଂହାସନ ପ୍ରତିଷ୍ଠା କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଆଜି ପ୍ରଭାତରୁ ବୈଦିକମତେ ପୂଜାର୍ଚ୍ଚନା କରାଯାଇ ନୂତନ ସିଂହାସନର ପ୍ରତିଷ୍ଠା କରାଯାଇଥିଲା। ତାପରେ ଅସ୍ଥାୟୀ ସିଂହାସନରୁ ପ୍ରଭୁ ନୂତନ ସିଂହାସନକୁ ବିଜେ କରିଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବଡ଼ବେତରା ଗ୍ରାମ ଓ ଆଖପାଖ ଗ୍ରାମର ଶହ ଶହ ଶ୍ରଦ୍ଧାଳୁ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଭୁ ମଦନମୋହନଙ୍କ ଆଶୀର୍ବାଦ ଲାଭ କରିଥିଲେ। ଏମିତିକି ଗ୍ରାମର ଯେଉଁ ଅଧିବାସୀମାନେ ବାହାରେ ରହୁଛନ୍ତି ସେମାନେ ମଧ୍ୟ ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ବିଭୁକୃପା ଲାଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଡ଼ବେତରା ଗ୍ରାମର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ସମସ୍ତଙ୍କ ଲାଗି ପ୍ରସାଦସେବନର ବ୍ୟବସ୍ଥା ହୋଇଥିଲା । ସୂଚନାଯୋଗ୍ୟ ପ୍ରଭୁ ମଦନମୋହନ ଉକ୍ତଗ୍ରାମରେ ଶହ ଶହ ବର୍ଷରୁ ବିରାଜମାନ କରିଛନ୍ତି। ପ୍ରଥମେ ପ୍ରଭୁ ଏକ ଚାଳଘରେ ବିରାଜମାନ କରୁଥିଲେ। ପରେ ପ୍ରାସାଦ ନିର୍ମାଣ ହୋଇଥିଲେ ବି ଏକ ଭବ୍ୟ ସିଂହାସନର ଆବଶ୍ୟକତା ଅନୁଭବ କରି ଗ୍ରାମର ଉତ୍ସାହୀ ଯୁବକ ମିହିର ମହାପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

# ଗାଁ ଶ୍ମଶାନରେ ରବିନାରାୟଣଙ୍କ ଶେଷକୃତ୍ୟ, ଲୁହରେ ବୁଡ଼ିଲା କନିକା

**ରାଜକନିକା,୧୮।୩(ସମିସ):** ରାଜକନିକା ବ୍ଲକ ତରାସ ଗ୍ରାମରେ ଜନ୍ମିତ ବିଶିଷ୍ଟ ସମାଜସେବୀ ରବି ନାରାୟଣ ଜେନା(୭୯)ଙ୍କ ଗତକାଲି ସନ୍ଧ୍ୟାରେ ଯାଜପୁର ଜିଲ୍ଲାସ୍ଥିତ ଦାନଗଦିରେ ପରଲୋକ ହୋଇଥିବା ବେଳେ ଆଜି ତାଙ୍କର ମରଶରୀରକୁ ରାଜକନିକାବାସୀ ଅଶ୍ରୁଳ ଗଣ ଶ୍ରଦ୍ଧାଞ୍ଜଳି ଦେଇ ବିଦାୟ ଦେଇଛନ୍ତି । ଦିବଙ୍ଗତ ରବିନାରାୟଣ ତମାମ ଓଡିଶାର ଜନଜୀବନରେ ସେବା ଓ ତ୍ୟାଗର ମୁର୍ତ୍ତିମନ୍ତ ପ୍ରତୀକ ଭାବରେ ଗାନ୍ଧିବାଦୀ ଆଦର୍ଶ, ଗୋପବନ୍ଧୁଙ୍କ ସେବା ପରାୟଣତାକୁ ଜୀବନର ବ୍ରତ କରି ସାରା ଜୀବନ ସାମାଜିକ କାର୍ଯ୍ୟରେ ନିୟୋଜିତ ରଖିଥିଲେ। ଜଣେ ଜନସେବକ ଭାବରେ ସେ ରମାଦେବୀଙ୍କ ନୀତି ଆଦର୍ଶରେ ଉଦବୁଦ୍ଧ ହୋଇ ଭୂଦାନ ଆନ୍ଦୋଳନ, ବାଲ୍ୟବିବାହ,ନିଶା ନିବାରଣ ଆଦି ସମାଜ ସଂସ୍କାର କାର୍ଯ୍ୟରେ ସମଗ୍ର ଜୀବନ ଉତ୍ସର୍ଗ କରିଦେଇଥିଲେ ।ଜଣେ ସଚ୍ଚା ସମାଜସେବକ ଭାବରେ ସେ ପ୍ରଖ୍ୟାତ ସମାଜ ସଂସ୍କାରକ ଜୟପ୍ରକାଶ ନାରାୟଣଙ୍କ ସଂସ୍ପର୍ଶରେ ଆସି ବିହାର ମରୁଡି ଦୁର୍ବିପାକ ସମୟରେ ଜନସେବାରେ ନିଜକୁ ନିୟୋଜିତ କରିଥିଲେ। କଳାହାଣ୍ଡି କୋରାପୁଟର ମରୁଡି ମଣିଷ ଭାବରେ ଖ୍ୟାତ ରବିନାରାୟଣ ଠକରପାପା ଆଶ୍ରମର ପରିଚାଳନା ଦାୟିତ୍ୱ ମଧ୍ୟ ନିର୍ବାହ କରିଥିଲେ। ରବିନାରାୟଣ ଶେଷ ଅବସ୍ଥାରେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିବା ସମୟରେ ଗତକାଲି ସନ୍ଧ୍ୟାରେ ଯାଜପୁରର ଦାନଗଦି ଠାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।ଆଜି ପୂର୍ବାହ୍ନ ୯ ଟା ବେଳେ ତାଙ୍କ ମରଶରୀର ରାଜକନିକାରେ ପହଞ୍ଚିବା ପରେ ତାଙ୍କର ଶେଷ ଦର୍ଶନ କରାଯାଇ ଗଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । କନିକା ସଦର ପରିକ୍ରମା ପରେ ନିଜ ଗାଁ ତରାସର ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ଦିବଙ୍ଗତ ରବି ନାରାୟଣଙ୍କ ଶବାଧାରରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନ ପୁଷ୍ପମାଲ୍ୟ ଦେଇ ନିଜ ସମ୍ମାନ ଓ ଶ୍ରଦ୍ଧା ଅର୍ପଣ କରିବାର ମୁହୂର୍ତ୍ତ ବେଶ ତମାମ ଅଞ୍ଚଳକୁ ଶୋକରେ ବୁଡାଇ ଦେଇଥିଲା । ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ବେଳେ ପୁଅ ରାଜନାରାୟଣ ମୁଖାଗ୍ନି ଦେଇଥିବା ବେଳେ ସାନପୁଅ ସତ୍ୟନାରାୟଣଙ୍କ ସମେତ ଗାଁ ଲୋକ, ଆତ୍ମୀୟସ୍ୱଜନ, ନେତାଜୀ କ୍ଲବ ତରାସର ସଦସ୍ୟଙ୍କ ସହ ତାଙ୍କ ହାତ ଗଢା ଅନୁଷ୍ଠାନ ତରାସ ହାଇସ୍କୁଲର ସମସ୍ତ ପରିବାର ଉପସ୍ଥିତ ଥିଲେ।



ବୋକା ବନିଲେ ପେଟ୍ରୋଲ ଟାଙ୍କି ମାଲିକ

# ଫୋନ-ପେ'ରେ ଟଙ୍କା ଦେବାକୁ କହି ୫ ଶହ ଲିଟର ତେଲ ନେଇ ଛୁ

ଗରଦପୁର,୧୮।୩(ସମିସ)

ଅଟୋ ଚାଳକକୁ ୫୦୦ ଲିଟର ତେଲ ଦେଇ ପେଟ୍ରୋଲ ପମ୍ପ ମାଲିକ ଚିନ୍ତାରେ ପଡିଯାଇଛନ୍ତି । ଜନୈକ ବ୍ୟକ୍ତି ଫୋନ ଦ୍ୱାରା ଯୋଗାଯୋଗ କରି ପେଟ୍ରୋଲ ପମ୍ପ ମାଲିକକୁ ଅନଲାଇନ୍ ଦ୍ୱାରା ଟଙ୍କା ସଙ୍ଗେ ସଙ୍ଗେ ପଠାଉଛି କହି ଚତୁରତାର ସହ ଖସିଯାଇଛି । ପୂର୍ବରୁ ଏଭଳି ଘଟଣା ଶୁଣିନଥିଲେ ମଧ୍ୟ ପାଟକୁରା ଥାନା ଅଞ୍ଚଳରେ ଏହିଭଳି ଏକ ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ବର୍ତ୍ତମାନ କିଭଳି ନିଜ ବିକ୍ରି ତେଲର ଅର୍ଥରାଶି ଫେରିପାଇବେ ସେନେଇ ପାଟକୁରା ଥାନାରେ ପେଟ୍ରୋଲ ପମ୍ପ ମାଲିକ ବାସୁଦେବ ପଣ୍ଡା ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ଗତ ୪ଦିନ ପୂର୍ବେ ପାଟକୁରା ଗ୍ରାମର ଜଣେ ଯୁବକଙ୍କୁ ଏକ ଅଜଣା ନମ୍ବରରୁ ଫୋନ କଲ ଆସିଥିଲା। ଅଜଣା ବ୍ୟକ୍ତି ଜଣଙ୍କ ଅଟୋ ଚାଳକକୁ ଇଣ୍ଡିଆନ ଅଏଲ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମରେ ସ୍ୱତନ୍ତ୍ର ଅଫର ଚାଲିଛି ବୋଲି କହିଥିଲେ । ପ୍ରତ୍ୟେକ ଲିଟର ପିଛା ୨୦ ଟଙ୍କା କମରେ ତେଲ ଦେବାକୁ କୁହଯାଇଥିଲା । ଏଥିରେ ଅଟୋଚାଳକ ରାଜି ହେଇଥିଲେ ।ଅଟୋ ଚାଳକ ଅଜଣା ଦୁର୍ବୃତ୍ତଙ୍କଠାରୁ ଏହା ଶୁଣିବା ମାତ୍ରେ ଖୁସି ହୋଇ ୫୦୦ ଲିଟର ଡିଜେଲ କିଣିବା ପାଇଁ କହିଥିଲେ । ଏନେଇ ନିକଟସ୍ଥ ପେଟ୍ରୋଲ ଟାଙ୍କିକୁ ଯାଇ ତାଙ୍କୁ ଫୋନ କରିବାକୁ ଦୁର୍ବୃତ୍ତଜଣକ କହିଥିଲେ । ଅଟୋଚାଳକ ସେଠାରେ ପହଞ୍ଚି ଫୋନ କରିବା ପରେ ଅଜଣା ବ୍ୟକ୍ତି ଜଣକ ଟାଙ୍କି ମାଲିକଙ୍କ ନମ୍ବର ମାଗିଥିଲେ। ଏହାପରେ ମାଲିକ ବାସୁଦେବ ପଣ୍ଡାଙ୍କୁ ଦୁର୍ବୃତ୍ତ ଫୋନ କରି ନିକଟରେ ଏକ ଠିକାଦାର କାର୍ଯ୍ୟ ଚାଲୁଛି ୫ ଶହ ଲିଟର ଡିଜେଲ ଆବଶ୍ୟକ ବୋଲି କହିଥିଲେ। ଆପଣଙ୍କ ଟାଙ୍କିରେ ଛିଡ଼ା ହୋଇଥିବା ଅଟୋଚାଳକଙ୍କୁ ସେହି ତେଲ ଦେଇଦେବାକୁ କହିଥିଲେ। ତେଲ ଦେବା ପରେ ଫୋନ କଲେ ଟଙ୍କା ଫୋନ ପେ' ଜରିଆରେ ପଠାଇବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ମାଲିକ ବାସୁଦେବ ଭରସା କରି ଅଟୋଚାଳକଙ୍କୁ ୫ ଶହ ଲିଟର ତେଲ ଦେଇଥିଲେ। ଅଟୋଚାଳକ ଯିବା ପରେ ବାସୁଦେବ ସେହି ଅଜଣା ବ୍ୟକ୍ତିଙ୍କୁ ଟଙ୍କା ପାଇଁ ଫୋନ କରିଥିଲେ । ହେଲେ ଟଙ୍କା ପଠାଇବାକୁ କହି କିଛି ସମୟ ପରେ ସେ ମୋବାଇଲ ସୁଇଚ୍ ବନ୍ଦ କରିଦେଇଥିଲେ । ତେବେ ସ୍ଥାନୀୟ ଅଟୋ ଚାଳକଙ୍କୁ ବାସୁଦେବ ଭେଟି ତେଲ ବାବଦ ଟଙ୍କା ବିଷୟରେ ପଚାରିବାରୁ ତେଲ ୨୦ ଟଙ୍କା କମ ଦାମ ଅର୍ଥାତ ୫ ଶହ ଲିଟରକୁ ୪୦ ହଜାର ଟଙ୍କା ସେ ଅଜଣା ବ୍ୟକ୍ତିଙ୍କୁ ଫୋନ ପେ'ରେ ପଠାଇଥିବା ନେଇ ପ୍ରମାଣ ଦେଖାଇଥିଲେ ।ପେଟ୍ରୋଲ ପମ୍ପ ମାଲିକ ଶେଷରେ ନିରାଶ ହେବା ସହିତ ଏନେଇ ଏକ ଲିଖିତ ଅଭିଯୋଗ ପାଟକୁରା ଥାନାରେ କରିଛନ୍ତି ।ଅଭିଯୋଗ ପରେ ପାଟକୁରା ଥାନା ଅଧିକାରୀ ଏହାର ତଦନ୍ତ ଆରମ୍ଭ କରିଛନ୍ତି।

# ଜିଲ୍ଲା ସାହିତ୍ୟ ସଂସଦର ନୂତନ ଘରୁ କଳାକନା ବୁଲାଇଲେ ଦୁର୍ବୃତ୍ତ

**କେନ୍ଦ୍ରାପଡ଼ା,୧୮।୩(ସମିସ):** ସଦର ଥାନା ଅଧିନ ପାଣ୍ଡିରି ସତସଙ୍ଗ ବିହାର ଜାତୀୟ ରାଜପଥ ପାଶ୍ୱର୍ରେ ନୂତନ ଭାବେ ନିର୍ମାଣ ହୋଇଥିବା ଜିଲ୍ଲା ସାହିତ୍ୟ ସଂସଦର ଘରୁ ଦୁର୍ବୃତ୍ତ କଳାକନା ବୁଲାଇଥିବା ଅଭିଯୋଗ ହୋଇଛି। ଏନେଇ ଶୁଭ୍ରାଂଶୁ କୁମାର ଦାସ ସଦର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଗତ ୧୪ ତାରିଖରେ ଜିଲ୍ଲା ସାହିତ୍ୟ ସଂସଦର କର୍ମକର୍ତ୍ତା ଶିଳାନ୍ୟାସ କରିବାକୁ ଯାଇଥିଲେ। ଏହି ସମୟରେ ଦେଖିବାକୁ ପାଇଲେ ଯେ ସେହି ପାଖ କାର୍ଯ୍ୟାଳୟରୁ ଅନ୍ୟୁନ ୫୦ ହଜାର ଟଙ୍କାରୁ ଅଧିକ ଟଙ୍କା ମୂଲ୍ୟର ଆସବାବପତ୍ର ଦୁର୍ବୃତ୍ତ ନେଇଯାଇଛନ୍ତି। ଏଥିରେ ଏକ ବଡ ଲୁହା ଆଲମିରା, ୫ଟା ପ୍ଲାଷ୍ଟିକ ଚେୟାର, କାଠ ଚେୟାର ଓ ଟେବୁଲ, ଦରି, ୫୦୦ ଖଣ୍ଡ ବହି, ୨୦ ବର୍ଷର କ୍ୟାସବୁକ ଓ ଭାଉଚର ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ଦୁର୍ବୃତ୍ତ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଲକ୍ଷାଧିକ ଟଙ୍କାରେ ନିର୍ମିତ ପ୍ରକଳ୍ପ ଦେଢ଼ବର୍ଷ ହେଲା ଅଚଳ

# ଚିତ୍ତବିନୋଦନ ବଦଳରେ ଚିନ୍ତା ବଢ଼ାଉଛି ୱାଟର୍ ଫାଉଣ୍ଟେନ୍

ଜଗତସିଂହପୁର,୧୮।୩(ସମସି)



ଜଗତ୍‌ସିଂହପୁର ସହରବାସୀଙ୍କ କର୍ମକ୍ଳାନ୍ତ ଜୀବନରେ ଚିତ୍ତବିନୋଦନ ପାଇଁ ଏପର୍ଯ୍ୟନ୍ତ ସହର ମଧ୍ୟରେ ପ୍ରମୋଦ ଉଦ୍ୟାନଟିଏ ତିଆରି କରାଯାଇ ପାରିନାହିଁ। ତେବେ ତିନିବର୍ଷ ତଳେ ସହରବାସୀଙ୍କ ଜୀବନଧାରଣରେ ଉନ୍ନତି ତଥା ଚିତ୍ତ ବିନୋଦନ ପାଇଁ ସ୍ଥାନୀୟ ସାରଳା ଦାସ ସଂସ୍କୃତି ଭବନ ସମ୍ମୁଖରେ ଜଗତସିଂହପୁର ପୌର ପରିଷଦ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ୱାଟର ଫାଉଣ୍ଟେନ ସ୍ଥାପିତ ହୋଇଥିଲା। ତେବେ ଏହା ଗତ ଦେଢବର୍ଷ ହେଲା ଅଚଳ ହୋଇପଡିଛି। ପ୍ରତିଦିନ ଅପରାହ୍ନରୁ ରାତି୧୦ଟା ଯାଏ ଫାଉଣ୍ଟେନର ଚାରିପାଖରେ ପଡିଥିବା ସିମେଣ୍ଟ ବେଞ୍ଚରେ ସହରର ଜନସାଧାରଣ ଏବେ ବସିବା ବେଳେ ମନରେ ଏକ ନକରାତ୍ମକ ପ୍ରଭାବ ପଡୁଥିବା ନେଇ ଅଭିଯୋଗ ହେଉଛି।

ପ୍ରତିଦିନର ସମସ୍ୟା ବହୁଳ ଜୀବନରେ ସମସ୍ତଙ୍କର ମାନସିକ ଚାପ ବା ଟ୍ରେସ ରହିଥାଏ। ଦିନର ଶେଷରେ ବା ସନ୍ଧ୍ୟା ସମୟରେ ଲୋକମାନେ ଦିନର କର୍ମକ୍ଳାନ୍ତ ଜୀବନରେ ଚାପରୁ ମୁକ୍ତି ବା ମନକୁ ଆରାମ ଦେବାକୁ ଚାହିଁଥାନ୍ତି। ୱାଟର ଫାଉଣ୍ଟେନର ନିୟନ୍ତ୍ରିତ ପମ୍ପ ମାଧ୍ୟମରେ ଜଳକଣା ଗୁଡିକୁ ବିଚ୍ଛୁରିତ କରାଯାଇଥାଏ। ତେବେ ପ୍ରତିଷ୍ଠା କରାଯାଉଥିବା ୱାଟର ଫାଉଣ୍ଟେନରେ ପ୍ରବାହିତ ଜଳକଣାର ଶାନ୍ତ ସ୍ନିଗ୍ଧ ଦୃଶ୍ୟ ସହିତ ଜଳପତନ ଜନିତ ମୃଦୁ ଶବ୍ଦର ପରିବେଶ ଲୋକମାନଙ୍କୁ ଆରାମର ଅନୁଭବ ଦେବା ସହିତ ଚାପ ମୁକ୍ତ କରିଥାଏ। ଗତ ଏକଦଶନ୍ଧି ମଧ୍ୟରେ ଜଳକଣା ସୃଷ୍ଟି କରୁଥିବା ୱାଟର ଫାଉଣ୍ଟେନ ଦେଶ ତଥା ରାଜ୍ୟରେ ବେଶ ଲୋକପ୍ରିୟ ହୋଇପାରିଛି। ଏ କ୍ଷେତ୍ରରେ ବହୁ ବିଳମ୍ବରେ ହେଲେ ମଧ୍ୟ ଜଗତସିଂହପୁର ପୌର ପରିଷଦ ପକ୍ଷରୁ ୨୦୨୧ ଏପ୍ରିଲ ୪ ତାରିଖରେ ସହରର ପ୍ରଥମ ୱାଟର ଫାଉଣ୍ଟେନକୁ ସଂସ୍କୃତି ଭବନ ସମ୍ମୁଖରେ ସ୍ଥାପନ କରାଯାଇଥିଲା। ଏହାକୁ ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଓ ପୂର୍ବ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ତଥା ତତ୍କାଳୀନ ପୌରାଧ୍ୟକ୍ଷ ବିମଳ କୁମାର ଲେଙ୍କା ଉଦ୍‌ଘାଟନ କରିଥିଲେ। ତେବେ ଏକବର୍ଷ ଏହା ସ୍ୱାଭାବିକ ଭାବରେ ଚାଲିବା ପରେ ଗତ ଦେଢବର୍ଷରୁ ଅଧିକ ହେବ ଏହି ୱାଟର ଫାଉଣ୍ଟେନଟି ଅଚଳ ହୋଇପଡିଛି।

ତେବେ ଗତ କିଛିମାସ ତଳେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଅଚଳ ଫାଉଣ୍ଟେନକୁ ପୋ÷ରପ୍ରଶାସନ ପକ୍ଷରୁ ଠିକାଦାରଙ୍କ ମାଧ୍ୟମରେ ମରାମତି କରାଯାଇଥିଲା। ତେବେ ଠିକାଦାର ଉକ୍ତ କାମର ବିଲ ପାଇସାରିଥିବା ବେଳେ ଏଥିରେ ଏପର୍ଯ୍ୟନ୍ତ ମୋଟର ଲଗାଯାଇ ପାରିନାହିଁ। ମ୍ୟୁନିସପାଲିଟି ଦ୍‌ୱରା ଏହାର ମରାମତି ତଥା ପୁନଃ ସକ୍ରିୟ ପାଇଁ ସାଧାରଣରେ ଦାବି ହେଉଛି। ୱାଟର ଫାଉଣ୍ଟେନ ପାଇଁ ଥିବା ଏହି ବିଶାଳ କୁଣ୍ଡଟି ଡଷ୍ଟବିନରେ ପରିଣତ ହୋଇଛି। । ଏହି ୱାଟର ଫାଉଣ୍ଟେନନିକଟରେ ମ୍ୟୁନିସପାଲିଟି ମାର୍କେଟ କମ୍ପ୍ଳେକ୍ସ ଓ ସଂସ୍କୃତି ଭବନ ରହିଥିବାରୁ ଏଠାକୁ ପ୍ରତିଦିନ ହଜାର ହଜାର ଲୋକ ଆସିଥାନ୍ତି। ସନ୍ଧ୍ୟାରେ ଏହାର ଚାରିପାଖରେ ପଡିଥିବା ସିମେଣ୍ଟ ବେଞ୍ଚରେ ବସି ଲୋକମାନେ ବାର୍ତ୍ତାଳାପ କରୁଥିବା ସମୟରେ ଏହି ଅଚଳ ୱାଟର ଫାଉଣ୍ଟେନଟି ସାଧାରଣ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଛି। ପୌର ପ୍ରଶାସନର ଏହି ଦାୟିତ୍ୱହୀନତାକୁ ନେଇ ସାଧାରଣରେ ସମାଲୋଚନା କରାଯାଉଛି। ତୁରନ୍ତ ଏହି ୱାଟର ଫାଉଣ୍ଟେନକୁ ସଚଳ କରିବାକୁ ସାଧାରଣରେ ଦାବି ହେଉଛି।

## ନାବାଳିକା ଦୁଷ୍କର୍ମ ମାମଲା

# ଅଭିଯୁକ୍ତକୁ ୧୦ ବର୍ଷ ଜେଲ୍, ୧୫ ହଜାର ଜରିମାନା

**ଜଗତସିଂହପୁର,୧୮।୩(ସମିସ):** ଜଗତସିଂହପୁର ଫାଷ୍ଟଟ୍ରାକ କୋର୍ଟ ବିଚାରପତି ଅଜୟ କୁମାର ମହାନ୍ତି ତିର୍ତ୍ତୋଲ ଥାନା ଅଞ୍ଚଳର ଏକ ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତ କ୍ରୀଷ୍ଣାନନ୍ଦପୁର ଥାନା ଅନ୍ତର୍ଗତ ବିଶନପୁର ଗାଁର ଗଣେଶ ଓରଫ ସୁବୋଧ ମଲ୍ଲିକଙ୍କୁ ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୧୫ ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି। ଜରିମାନା ଅନାଦେୟଅଧିକ ୩ ମାସ ଜେଲଦଣ୍ଡ ପାଇଁ ମଧ୍ୟ ଆଦେଶ ଦେଇଛନ୍ତି।

ସୂଚନା ଅନୁସାରେ ୨୦୧୮ ମସିହା ସେପ୍ଟେମ୍ବର ୧୬ ତାରିଖରେ ତିର୍ତ୍ତୋଲ ଥାନା ଅଞ୍ଚଳର ଜଣେ ୧୬ ବର୍ଷର ଯୁବତୀ ରାତିରେ ନିଜ ଘରେ ଶୋଇଥିଲେ। ତେବେ ରାତି ୪ଟାରେ ଉକ୍ତ ଯୁବତୀଙ୍କ ବାପା ନିଦରୁ ଉଠିବାପରେ ଜାଣିବାକୁ ପାଇଲେ ଯେ ତାଙ୍କ ଝିଅ ଶୋଇବା ଘରେ ନାହିଁ । ସକାଳୁ ପୀଡିତାଙ୍କ ବାପା ଝିଅକୁ ନପାଇ ଖୋଜାଖୋଜି କରିବା ପରେ ବିଶନପୁର ଗାଁର ଗଣେଶ ଓରଫ ସୁବୋଧ ମଲ୍ଲିକ(୨୭) ଏକ ମୋଟର ସାଇକେଲରେ ତାଙ୍କ ଝିଅକୁ ଅପହରଣ କରିନେଇଥିବା ଜାଣିବାକୁ ପାଇଥିଲେ। ଏହି ଘଟଣା ସମ୍ପର୍କରେ ପୀଡିତାଙ୍କର ବାପା ୧୭ ତାରିଖରେ ତିର୍ତ୍ତୋଲ ଥାନାରେ ଏତଲା ଦେଇଥିଲେ। ତିର୍ତ୍ତୋଲ ଥାନା ପକ୍ଷରୁ କେଶ ନମ୍ବର ୨୩୨/୨୦୧୮ ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଥିଲା।

ଅପହରଣ ପରେ ଅଭିଯୁକ୍ତ ଗଣେଶ ପୀଡିତାଙ୍କୁ ନେଇ ତାଙ୍କର ମାଉସୀ ଘର ସାଲେପୁରକୁ ନେଇଯାଇଥିଲା। ପରେ ସେଠାରୁ ସେ ପୀଡିତାଙ୍କୁ ନେଇ କଲିକତା ପଳାଇଯାଇ ଏକ ଭଡା ଘରେ ରଖିଥିଲା। ସେଠାରେ ପୀଡିତାଙ୍କ ଇଚ୍ଛା ବିରୋଧରେ ବାରମ୍ବାର ଦୁଷ୍କର୍ମ କରିଥିଲା। ପୁଲିସ ଘଟଣାର ତଦନ୍ତ କରି ୧୨ ଦିନ ପରେ ଅଭିଯୁକ୍ତ ଗଣେଶ ଓ ପୀଡିତାଙ୍କୁ କଲିକତାରୁ ଉଦ୍ଧାର କରିବା ସହିତ ପୀଡିତାଙ୍କୁ ତାର ପରିବାରକୁ ହସ୍ତାନ୍ତର କରି ଅଭିଯୁକ୍ତ ଗଣେଶକୁ କୋର୍ଟ ଚାଲାଣ କରିଥିଲା। ଆଜି ଏହି ଘଟଣାର ବିଚାର କରି ଫାଷ୍ଟଟ୍ରାକ କୋର୍ଟ ବିଚାରପତି ଅଜୟ କୁମାର ମହାନ୍ତି ସମସ୍ତ ସାକ୍ଷୀ ପ୍ରମାଣକୁ ଭିତ୍ତି କରି ଧାରା ୩୬୩ ଦଫାରେ ୪ବର୍ଷ ଓ ୫ ହଜାର ଟଙ୍କା ଜରିମାନା, ଧାରା ୩୭୬(୧)ରେ ୧୦ବର୍ଷ ଓ ୧୦ ହଜାର ଟଙ୍କା ଜରିମାନା ଦଣ୍ଡିତ କରିଛନ୍ତି। ସର୍ବାଧିକ ଜେଲ ଦଣ୍ଡ ୧୦ ବର୍ଷ ହୋଇଥିବାରୁ ମୁଦଲା ୧୦ ବର୍ଷ ଜେଲ ଦଣ୍ଡ ଭୋଗିବା ସହିତ ୧୫ ହଜାର ଟଙ୍କା ଜରିମାନାଦେବାକୁ ଆଦେଶ ହୋଇଛି। ଏହା ସହିତ ପୀଡିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧୀକରଣଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ଆଇଓ ତତକାଳୀନ ସବ-ଇନସପେକ୍ଟର ଜ୍ୟୋତି ଶଙ୍କର ସାହୁ ରହିଥିବା ବେଳେ ଏହି ମାମଲାକୁ ଆଇନଜୀବୀ ଦୋଳଗୋବିନ୍ଦ ଦାଶ ପରିଚାଳନା କରୁଥିଲେ।

## ଓକିଲ ସଂଘ ନିର୍ବାଚନ ପାଇଁ ଚୂଡାନ୍ତ ପ୍ରାର୍ଥୀ ତାଲିକା

# ନରେଶ ଦାସ ନିର୍ଦ୍ୱନ୍ଦ୍ୱରେ ସମ୍ପାଦକ ନିର୍ବାଚିତ

**ଜଗତସିଂହପୁର,୧୮।୩(ସମିସ):** ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ନିର୍ଦ୍ଦେଶନାମା ଅନୁସାରେ ସାରା ରାଜ୍ୟର ସମସ୍ତ ଓକିଲ ସଂଘର ନିର୍ବାଚନ ଆସନ୍ତା ମାର୍ଚ୍ଚ ୩୦ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଆଜି ଜିଲ୍ଲା ଓକିଲ ସଂଘ,ଜଗତସିଂହପୁରର ଚୁଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଗତ ମାର୍ଚ୍ଚ ୧୧ ଓ ୧୨ ତାରିଖରେ ନାମାଙ୍କନ ଦାଖଲ ସରିଥିବାବେଳେ ଗତ ୧୪ ତାରିଖରେ ପ୍ରାର୍ଥୀପତ୍ର ଗୁଡିକ ଯାଞ୍ଚ କରାଯାଇଥିଲା। ୧୬ ତାରିଖରେ ନାମାଙ୍କନ ପତ୍ର ପ୍ରତ୍ୟାହାର ତାରିଖ ପରେ ସୋମବାର ଦିନ ଚୁଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଏହି କ୍ରମରେ ସଭାପତି ପଦବୀ ନିମନ୍ତେ ବରିଷ୍ଠ ଆଇନଜୀବୀ ରବିନ୍ଦ୍ରନାଥ ମହାନ୍ତି, ସୁବାଷ ଭୂଷଣ ମହାପାତ୍ର ଓ ସୁରପ୍ରସାଦ ବାରିକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ସେହିପରି ଉପସଭାପତି ପଦ ପାଇଁ ଆଇନଜୀବୀ ଜ୍ଞାନ ରଞ୍ଜନ ମହାନ୍ତିଙ୍କ ପ୍ରାର୍ଥୀପତ୍ର ନାକଚ ହେବାପରେ ଓ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ତାଙ୍କର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେବା ପରେ ନୃସିଂହ ଚରଣ ବାରିକ ଓ ସରୋଜ କୁମାର ବିଶ୍ୱାଳଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି। ସଂପାଦକ ପଦ ପାଇଁ ଏକମାତ୍ର ପ୍ରାର୍ଥୀ ଥିବା ଆଇନଜୀବୀ ନରେଶ ଦାସଙ୍କୁ ବିଜୟୀ ଘୋଷଣା କରାଯାଇଛି। ଶ୍ରୀ ଦାସ ଚତୁର୍ଥ ଥର ପାଇଁ ସମ୍ପାଦକ ହେବାକୁ ଯାଉଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ ପାଇଁ ଅମୀୟ କୁମାର ମହାପାତ୍ର ଓ ରାମାନନ୍ଦ ପଣ୍ଡାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଥିବା ବେଳେ କୋଷାଧ୍ୟକ୍ଷ ପଦବୀ ପାଇଁ ଦୁର୍ଯ୍ୟୋଧନ ରାଉତ ଓ ବିବେକାନନ୍ଦ ନାୟକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ। କାର୍ଯ୍ୟକାରିଣୀ ସଦସ୍ୟ(ମହିଳା )ପାଇଁ ଆଇନଜୀବୀ ପ୍ରମିଳା ମହାରାଜ ଏକମାତ୍ର ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିବାବେଳେ ବାକି ୬ଟି ସ୍ଥାନ ପାଇଁ ପ୍ରକାଶ ଚନ୍ଦ୍ର ରାୟ, ଗୋପବନ୍ଧୁ ଚୌଧୁରୀ, ରୁଦ୍ରନାରାୟଣ ନାୟକ, ସୁଦର୍ଶନ ଭୋଇ, ବିଜ୍ଞୁପ୍ରସାଦ ନନ୍ଦ, ସ୍ମୃତି ରଞ୍ଜନ ପଣ୍ଡା, ମିହିର ରଞ୍ଜନ ମଲ୍ଲିକ ଓ ପର୍ଶୁରାମ ରାଉତଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ। ଆସନ୍ତା ୩୦ ତାରିଖରେ ଭୋଟ ଗ୍ରହଣ କରାଯିବ । ଜିଲ୍ଲା ଓକିଲ ସଂଘର ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ଶ୍ରୀକାନ୍ତ ନନ୍ଦ ଏହି ନିର୍ବାଚନକୁ ପରିଚାଳନା କରୁଥିବାବେଳେ ବରିଷ୍ଠ ଆଇନଜୀବୀ ସୌରୀପ୍ରସାଦ ସ୍ୱାଇଁ, ସଲିଲ୍ କୁମାର ଘୋଷ୍, ପାର୍ଥସାରଥୀ ଦାସ, ଯଦୁମଣି ବିଶ୍ୱାଳ,ଅନନ୍ତ ଚରଣ ପରିଡା, ଚନ୍ଦ୍ର ଶେଖର ନାୟକ,ସେଖ୍ ଖୁର୍ସିଦ୍ ଅଲ୍ଲୀ ସହଯୋଗୀ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ ତୁଲାଉଛନ୍ତି।

## ପାନପଲ୍ଲୀ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ

# 'ଆସିଛି ଏକା ଯିବି ମୁଁ ଏକା' ଚାମ୍ପିଅନ୍

**ପାରାଦୀପ, ୧୮।୩ (ସମିସ):** ପାରାଦୀପ ଉପକଣ୍ଠ ପାନପଲ୍ଲୀ ନାଟକ ମହୋତ୍ସବ ଉଦଯାପିତ ହୋଇଯାଇଛି। ନାଟକର ତୃତୀୟ ରଜନୀରେ ମଞ୍ଚସ୍ଥ ନାଟକ ମା ମଙ୍ଗଳା ପପି ୟଙ୍ଗ ଷ୍ଟାର, ଗୋବିନ୍ଦପୁର ଦ୍ୱାରା ପରିବେଷିତ ଡଃ ଦୀପକ୍ ଜେନା ଙ୍କ ରଚିତ, ଯୁବ ନିର୍ଦ୍ଦେଶକ ରଞ୍ଜନ ବର୍ଦ୍ଧନଙ୍କ ନିର୍ଦ୍ଦେଶିତ ନାଟକ "ଆସିଛି ଏକା ଯିବି ମୁଁ ଏକା' ପରିବେଷିତ ହୋଇ ଚାମ୍ପିଅନ ହୋଇଥିଲା। ପରେ ବିକ୍ରମ ମହାପାତ୍ରଙ୍କ ନିର୍ଦ୍ଦେଶିତ ନାଟକ "ସେଇ ଗୋଟିଏ ଭୁଲ ପାଇଁ' ନାଟକ ଦ୍ୱିତୀୟ ଶ୍ରେଷ୍ଠ ନାଟକ ବିବେଚିତ ହୋଇଛି। ଗୋବିନ୍ଦପୁର ତରଫରୁ ଶ୍ରେଷ୍ଠ ନିର୍ଦ୍ଦେଶକ ଓ ଶ୍ରେଷ୍ଠ ନାୟକ ଭାବେ ରଞ୍ଜନ ବର୍ଦ୍ଧନ, ଖଳନାୟକ ଭାବେ ପ୍ରଦୀପ୍ତ ଶତପଥୀ, ପାର୍ଶ୍ୱ ନାୟକ ଭାବେ ପ୍ରଭଞ୍ଜନ ମାଝୀ, ହାସ୍ୟ ଅଭିନେତା ଭାବେ ଅତୁଲ୍ୟ ବର୍ଦ୍ଧନ, ନାୟିକା ଭାବେ ବର୍ଷା ନାୟକ, ଯୁବ ହାସ୍ୟ ରସିକ ଭାବେ ସୁଶାନ୍ତ ନାୟକ, ପାଶ୍ୱର୍ ଚରିତ୍ର ଅଭିନେତା ଭାବେ ନୃସିଂହ ଦାସ, ପାର୍ଶ୍ୱର ଚରିତ୍ର ଅଭିନେତ୍ରୀ ଟିକିନା କର, ଯୁରୀ ଆୱାଡର୍ ଭାବେ ସନ୍ତୋଷ ସାହୁ, ଶ୍ରେଷ୍ଠ ସଙ୍ଗୀତ ଭାବେ ଆଲୋକ ବେହେରା, କଣ୍ଠଶିଳ୍ପୀ ଭାବେ ଆଲୋକ ଓ ତପସ୍ୱିନୀ ପୁରସ୍କୃତ ହୋଇଥିବା ବେଳେ ହାତୀକେନା ଦଳର ବିକ୍ରମ ମହାପାତ୍ର ଶ୍ରେଷ୍ଠ ଚରିତ୍ର, ମଇନା ପ୍ରଧାନ ଶ୍ରେଷ୍ଠ ଚରିତ୍ର ଅଭିନେତ୍ରୀ, ପାଶ୍ୱର୍ ନାୟିକା ଭାବେ ଦେବଯାନୀ ଓଝା, ପାଶ୍ୱର୍ ଖଳନାୟକ ଭାବେ ପ୍ରଦୀପ ବରାଳ, ଶ୍ରେଷ୍ଠ ଶିଶୁ କଳାକାର ଭାବେ ପୁରସ୍କୃତ ହୋଇଥିଲେ। ଛତିଆ ଦଳ ତରଫରୁ କାମିନୀ ସ୍ୱାଇଁ ଶ୍ରେଷ୍ଠ ହାସ୍ୟ ଅଭିନେତ୍ରୀ, ପ୍ରକାଶ ପ୍ରଧାନ ଜୁରୀ ସମ୍ମାନରେ ସମ୍ମାନିତ ହୋଇଥିଲେ।



# ନାରୀକବି ଗୀତା ଦାସ ସମ୍ବର୍ଦ୍ଧିତ



**କୁଜଙ୍ଗ,୧୮।୩(ସମିସ):** କୁଜଙ୍ଗ ବ୍ଲକ ବଳରାମପୁର ନିବାସୀ ବରିଷ୍ଠ ଶିକ୍ଷୟିତ୍ରୀ କବି ଗୀତା ଦାସଙ୍କୁ ବାଲିତୁଠର ସାରସ୍ୱତ ଅନୁଷ୍ଠାନ 'ଜଟାଧାର ସାହିତ୍ୟ ସଂସଦ' ପକ୍ଷରୁ ତାଙ୍କ ଜୀବନ ବ୍ୟାପୀ ସାହିତ୍ୟ, ପରିବେଶ ଓ ସମାଜ ଗଠନରେ ଥିବା କିର୍ତ୍ତୀ ଓ କୃତ୍ତିକୁ ସମ୍ମାନ ଜଣାଇ ସମ୍ବର୍ଦ୍ଧନା, ଅଙ୍ଗବସ୍ତ୍ର ଓ ମାନପତ୍ର ପ୍ରଦାନ କରାଯାଇଛି। ବାଲିତୁଠ ଗ୍ରାମ ପଞ୍ଚାୟତ ସଭା କକ୍ଷରେ ସଂସଦର ସଭାପତି ଅଧ୍ୟାପକ ଧିରେନ୍ କୁମାର ପାତ୍ରଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଓଡିଶା ସାହିତ୍ୟ ଏକାଡ଼େମୀ ପୁରସ୍କୃତ କବି ପୀତାମ୍ବର ତରାଇ, ଅଧ୍ୟାପକ ଜଗନ ମୋହନ ସାହୁ, ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଅନୁଷ୍ଠାନର ସମ୍ପାଦିକା ଅଧ୍ୟାପିକା ସଂଯୁକ୍ତା ତ୍ରିପାଠୀ, କବି ଡଃ କେବଶ ଚନ୍ଦ୍ର ଦଳାଇ ଓ ନାରୀକବି ପ୍ରଭାତୀ ମାଝୀ ତାଙ୍କୁ ତାଙ୍କ ସାରସ୍ୱତ କ୍ଷେତ୍ରରେ ଥିବା ପ୍ରତିଭାକୁ ସମ୍ମାନ ଜଣାଇ ସମ୍ମାନୀତ କରିଛନ୍ତି। ପ୍ରକାଶଯେ କବି ଗୀତା ଦାସଙ୍କ ଦ୍ୱାରା 'ଚିଠି ଏକ ବିଦଗ୍ଧ ପ୍ରାଣର, ଜୟଶ୍ରୀ ଜଗତଜିତା, ପ୍ରାଣର ଜୟଶ୍ରୀ, ଜଗତ ଜିତା ସାଥେ ଜଗତ ନାଥ ସହ ବହୁ କାବ୍ୟ କବିତା ସାଙ୍ଗକୁ ସାରସ୍ୱତ ସାହିତ୍ୟ ପତ୍ରିକା ସୁଭଶ୍ରୀ ଶରଦାର ସେ ସମ୍ପାଦକ। ସ୍ୱାମୀ ପ୍ରତାପରୁଦ୍ର ବେହେରାଙ୍କ ପ୍ରେରଣା ପାଇ କବି ଗୀତା ଦାସ କୁଜଙ୍ଗ ଅଞ୍ଚଳ ନୁହେଁ ସାହିତ୍ୟ, ସମାଜସେବା, ପରିବେଶ ସୁରକ୍ଷା ଓ ନାରୀ ସଶକ୍ତକରଣ କ୍ଷେତ୍ରରେ ଜିଲ୍ଲାରେ ମଧ୍ୟ ଜଣେ ପ୍ରତିଷ୍ଠିତ ପ୍ରତିଭାଭାବେ ଉଭା ହୋଇଛନ୍ତି। କବିତା ଲିଖନ ସହ ନିଜ ବାଡି, ବିଦ୍ୟାଳୟରେ ଗୀତା ଦିଦିଙ୍କ ସୁନ୍ଦର ଫୁଲ ବଗିଚା ଅନ୍ୟ ମାନଙ୍କ ପାଇଁ ପ୍ରେରଣା ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି। କବିତା ଯେ ସମାଜ ତଥା ବ୍ୟକ୍ତି ଜୀବନର ଯନ୍ତ୍ରଣା ଲାଘବ ସହ ବଞ୍ଚିବାର ରାହା ପାଲଟେ ନାରୀ କବି ଗୀତା ଦାସ ତାର ଉଦାହରଣ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ପୁଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ

**ଜଗତସିଂହପୁର,୧୮।୩(ସମିସ):** ଆଗକୁ ସାଧାରଣ ନିର୍ବାଚନ ରହିଥିବାରୁ ଜଗତସିଂହପୁର ପୁଲିସ ପ୍ରଶାସନ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଗତକାଲି ଏହା ପାରାଦ୍ୱୀପ ଅଞ୍ଚଳରେ କରାଯାଇଥିବା ବେଳେ ଆଜି ଜଗତସିଂହପୁର ସହରାଞ୍ଚଳରେ କରାଯାଇଛି। ଜଗତସିଂହପୁର ଏସପି ରାହୁଲ ପିଆରଙ୍କ ନେତୃତ୍ୱରେ ଜଗତସିଂହପୁର ଆର୍ମ ପୁଲିସ ଫୋର୍ସ, ରାଜ୍ୟ ଆର୍ମ ପୁଲିସ ଫୋର୍ସ ଓ ୨ ପ୍ଲାଟୁନ ସେଣ୍ଟ୍ରାଲ ରିଜର୍ଭ ପୁଲିସ ଫୋର୍ସ ମିଳିତ ଭାବରେ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରୁ ବାହାରି ଜଗତସିଂହପୁର ପୌରାଞ୍ଚଳର ୱାର୍ଡ ନମ୍ବର ୩, ୪, ୬, ୭, ୮ ଓ ୧୭ ନମ୍ବର ପରିକ୍ରମା କରିଥିବା ବେଳେ ଏହି ଅଞ୍ଚଳରେ କଲେଜଛକ, ଗୋପାଳସାଗର, ଗାନ୍ଧୀଛକ, ମାଧପୁର, ସୁଜଙ୍ଗ,ମରିଚାପଦା, ଲାଲାସାହି, ଓହଳ, ଆଖୁନସାହି, ଦେଉଳିଗ୍ରାମେଶ୍ୱର, ବଙ୍ଗଳା ଛକ, ସାନବଜାର ଓ ବଡ ବଜାର ଅଞ୍ଚଳରେ ଫ୍ଲାଗ ମାର୍ଚ୍ଚ କରି ଭୋଟରମାନଙ୍କ ମନୋବଳକୁ ବୃଦ୍ଧି କରାଇଥିଲେ। ସାଧାରଣ ନିର୍ବାଚନକୁ ନେଇ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ଏସପି କହିଥିଲେ। ଜିଲ୍ଲାର ବର୍ଡର ପୋଷ୍ଟରେ ବର୍ଡର ଚେକିଂ ପୋଷ୍ଟ ଲାଗିବା ସହିତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚେକ ପୋଷ୍ଟ ମାଧ୍ୟମରେ ଚେକିଂ କରାଯାଉଛି। ଏହା ସହିତ ଆଣ୍ଟି ସୋସିଆଲ ଡ୍ରାଇଭ, ୱାରେଣ୍ଟି ଡ୍ରାଇଭ କରାଯାଉଥିବା ବେଳେ ଭୋଟରମାନଙ୍କ ମଧ୍ୟରେ ସାହସ ବଢାଇବା ପାଇଁ ଏହା କରାଯାଉଛି। ଏହି ଫ୍ଲାଗ ମାର୍ଚ୍ଚ ଆଇନ ଶୃଙ୍ଖଳା ରକ୍ଷା ଦିଗରେ କାମ ଦେବା ସହିତ ନିର୍ବାଚନ ବାବଦରେ ଲୋକମାନଙ୍କୁ ଅବଗତ କରାଇବ ବୋଲି ଏସପି କହିଥିଲେ।ଏହି ଫ୍ଲାଗ ମାର୍ଚ୍ଚରେ ଏସପି ରାହୁଲ ପିଆରଙ୍କ ସହିତ ଅତିରିକ୍ତ ଏସପି ଅମରେନ୍ଦ୍ର ପଣ୍ଡା,ଏସଡିପିଓ ରଶ୍ମିରଞ୍ଜନ ସାହୁ,ଜଗତସିଂହପୁର ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।



# ବିଦ୍ୟାଭାରତୀର ୩ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**କୁଜଙ୍ଗ,୧୮।୩(ସମିସ):** କୁଜଙ୍ଗ ବ୍ଲକ ପଙ୍କପାଳସ୍ଥିତ ବିକେ ମେମୋରିଆଲ୍ ସ୍କୁଲ ବିଦ୍ୟାଭାରତୀର ୩ଜଣ ବିଦ୍ୟାର୍ଥୀ ଚଳିତ ବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଷଷ୍ଠ ଶ୍ରେଣୀ ନାମଲେଖା ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ କୃତିତ୍ୱର ସହ ସଫଳତା ହାସଲ କରିବା ସହ ନିଜ ପାଇଁ ତଥା ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହି ତିନି ବିଦ୍ୟାର୍ଥୀ ହେଲେ ଦେବସ୍ମିତା ଦାସ, ଅନ୍ୟାଶା ପ୍ରଧାନ ଓ ଶ୍ରେୟା ସାଲିନୀ ମନ୍ତ୍ରୀ। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ସୁନାକର ବିଶ୍ୱାଳଙ୍କ ପୌରହିତ୍ୟରେ ଆହୂତ ଏକ ବିଶେଷ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଦ୍ୟାଳୟ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଚୌଧୁରୀ ପଦ୍ମନାଭ ମିଶ୍ର, ଶିକ୍ଷା କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖଙ୍କ ସହ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ମାନେ ତାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ବିଦ୍ୟାଳୟର ଆକର୍ଷଣ, ଶିକ୍ଷା ସହ ସଂସ୍କାର ତାଙ୍କୁ ସବୁବେଳେ ପ୍ରେରଣା ଦେବ ବୋଲି କୃତୀ ବିଦ୍ୟାର୍ଥୀ ମାନେ କହିଥିଲେ।



## ଯୁବ ବ୍ୟବସାୟୀ ମହାଦେବ ବିଶ୍ୱାଳଙ୍କ ସ୍ମୃତିଚାରଣ

**କୁଜଙ୍ଗ,୧୮।୩ (ସମିସ):** କୁଜଙ୍ଗ ବ୍ଲକ ଅଗପାଳ ପଞ୍ଚାୟତ ପଥୁରିଆ ନିବାସୀ ପରିବାରର ଏକମାତ୍ର ରୋଜଗାରକ୍ଷମ ଯୁବକ ତଥା ଯୁବ ଟ୍ରକ୍ ବ୍ୟବସାୟୀ ମହାଦେବ ବିଶ୍ୱାଳଙ୍କ ହୃଦଘାତ ଜନିତ ଅକାଳ ବିୟୋଗ ପରେ ତାଙ୍କ ଏକାଦଶାହରେ ଅଞ୍ଚଳବାସୀଙ୍କ ପକ୍ଷରୁ ଗଭୀର ଶ୍ରଦ୍ଧାସୁମନ ସହ ସ୍ମୃତି ଚାରଣ କରାଯାଇଛି। ଅଗପାଳ ପଞ୍ଚାୟତର ଯୁବ ସରପଞ୍ଚ ବିପିନ କୁମାର ବିଶ୍ୱାଳଙ୍କ ପୌରହିତ୍ୟରେ ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ପରିଡା(ଚିନୁ), କୁଜଙ୍ଗର ପୂର୍ବତନ ସମିତି ସଭ୍ୟ ଏଏନ୍‌ଡି ଯାଦବ ଏହି ଯୁବ ବ୍ୟବସାୟୀଙ୍କ ମିଠା କଥା, ପରିବାର ପାଇଁ ଦେଖିଥିବା ସ୍ୱପ୍ନ, ସେବା ମନୋଭାବକୁ ସ୍ମରଣ କରିବା ସହ ମା' ପାଇଁ ଔଷଧ ଆଣିବାକୁ ଯାଇ ନିଜେ ଗାଡିରୁ ପଡି ଏହି ପରି ଅଘଟଣ ହେବେ କେବେ ବିଶ୍ୱାସ କରିନଥିଲେ। ଏହି ଦୁଃଖ ସମୟରେ ପରିବାକୁ ସମବେଦନ। ଜଣାଇବା ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି ଅବସରରେ ଆଇନଜୀବୀ ଭାରତ ଭୂଷଣ ଦାସ, ବିଶିଷ୍ଟ ଶିକ୍ଷାବିତ୍ ଅଜୟ କୁମାର ସାମନ୍ତରାୟ, ହରେକୃଷ୍ଣ ପଣ୍ଡା ପ୍ରମୁଖ ଯୋଗଦେବା ସହ ଦିବଙ୍ଗତ ହମାଦେବ(ଟୁଗ୍ଗୁ)ଙ୍କ ବିଧବା ମା' ବିଚିତ୍ରା ବିଶ୍ୱାଳ ଓ ଭଉଣୀ ମାନସୀ ବିଶ୍ୱାଳଙ୍କୁ ସମବେଦନା ଜଣାଇଥିଲେ। ପ୍ରକାଶଯେ ମହାଦେବଙ୍କ ଦୁଇ ଭାଇ ଓ ପିତାଙ୍କର ପୂର୍ବରୁ ଦେହାନ୍ତ ହୋଇଛି। ଟ୍ରକ ବ୍ୟବସାୟ କରି ମା' ଭଉଣୀଙ୍କ ପାଇଁ ଆଶାର ବାଡି ପାଲଟିଥିବା ଯୁବକ ମହାଦେବଙ୍କ ଅକାଳ ବିୟୋଗ ପରେ ପରିବାରବର୍ଗ ଭାଙ୍ଗିପଡିଛନ୍ତି।



## ମହାନଦୀ ଅବବାହିକା ବାଲିଡିଆ ଆମ୍ବଗଛଘୋଲା

# ହେନ୍ତାଳ ବନ ସୃଷ୍ଟି ପାଇଁ ବ୍ୟାପକ ଚାରାରୋପଣ

ପାରାଦୀପ, ୧୮।୩ (ସମିସ)




ଜଗତସିଂହପୁର ଜିଲ୍ଲା ପାରାଦୀପ ନିର୍ବାଚନ ମଣ୍ଡଳୀ ର ଅଗ୍ରଣୀ ପରିବେଶ ଓ ପ୍ରକୃତିପ୍ରେମୀ ଅନୁଷ୍ଠାନ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ ପକ୍ଷରୁ ଦୀର୍ଘ ଦୁଇ ମାସ ଧରି ଲଗାତାର ବ୍ୟାପକ ହେନ୍ତାଳ ଚାରାରୋପଣ କାର୍ଯ୍ୟକ୍ରମ ଜାରି ରହିଛି।ତେବେ ପାରାଦୀପ ଉପକଣ୍ଠ ବାଲିଡିଆ ସନ୍ନିକଟ ମହାନଦୀର ମଧ୍ୟ ଭାଗରେ ଥିବା ଆମ୍ବଗଛଘୋଲା, ସିଙ୍ଗିଟାଳି ନିକଟସ୍ଥ ଗୋଲେଇ ଜୋର ଓ ଫୁଲାବେଳରୀ ନିକଟସ୍ଥ ତେଲେଙ୍ଗାଡିୟା ଆଉ ବରେଇ ଜୋରରେ ବ୍ୟାପକ ଅଞ୍ଚଳରେ ଦୀର୍ଘ ଦୁଇ ମାସ ଧରି ଏପର୍ଯ୍ୟନ୍ତ ପାଞ୍ଚ ହଜାରରୁ ଉର୍ଦ୍ଧ ଚାରାରୋପଣ କରାଯାଇସାରିଲାଣି। ଦଶ ବର୍ଷ ତଳେ ବାଲିଡିଆ ନିକଟସ୍ଥ ଆମ୍ବଗଛଘୋଲାରେ ଲଗାଯାଇଥିବା ଦୁଇ ହଜାର ଓରୁଅ, କେରୁଆ ମଞ୍ଜି ଓ ଚାରା ବର୍ତ୍ତମାନ ମହାଦ୍ରୁମରେ ପରିଣତ ହୋଇସାରିଛି। ଏବେ ସେହିସ୍ଥାନର ଅବଶିଷ୍ଟ ଅଂଶରେ ତିନି ହଜାରରୁ ଉଦ୍ଧ୍ୱର୍ ବ୍ୟାପକ ସିନ୍ଦୁକା, ବଣି, ରାଇ, ଗାରଣୀ ଆଦି ଚାରାରୋପଣ କରିବା ସହିତ ସ୍ଥାନୀୟ ମତ୍ସ୍ୟଜୀବୀ ଓ ମଇଷି ରଖି ଜୀବିକା ନିର୍ବାହ କରୁଥିବା ବ୍ୟକ୍ତିବିଶେଷଙ୍କୁ ଉପକୂଳ ଅଞ୍ଚଳରେ ହେନ୍ତାଳ ଜଙ୍ଗଲର ଆବଶ୍ୟକତା ବିଷୟରେ ବ୍ୟାପକ ସଚେତନତା କରାଯାଇଛି। ସେହିପରି ତିନି ବର୍ଷ ତଳେ ଫୁଲବେଲାରୀ ସ୍ଥଳରେ ଅନୁଷ୍ଠାନ ତରଫରୁ ଶତାଧିକ ହେନ୍ତାଳ ମଞ୍ଜି ରୋପଣ କରାଯାଇଥିଲା। ସେଥିରେ ବ୍ୟାପକ ଅଗ୍ରଗତି ପରିଲକ୍ଷିତ ହେବାରୁ ଏହି ବର୍ଷ ପୁଣି ସେଇ ସ୍ଥଳରେ ଦୁଇ ହଜାରରୁ ଉଦ୍ଧ୍ୱର୍ ସିନ୍ଦୁକା, ଗାରାଣୀ, ବନ୍ଦରି, କାଳିଆଚୂଆ, ପେନସିଲ ପ୍ରଭୃତି ଚାରା ପୁନଃରୋପଣ କରାଯାଇଛି। ଉକ୍ତ ସ୍ଥାନରେ ନଦୀ ତାର ଗତିପଥ ବାରମ୍ବାର ବଦଳାଇ ଅତ୍ୟଧିକ କୂଳ ଖାଉଛି, ଯାହାଦ୍ୱାରା ପ୍ରଚୁର ମାତ୍ରାରେ ମୃତ୍ତିକା କ୍ଷୟ ହେଉଛି।ଏହି ବ୍ୟାପକ ଚାରାରୋପଣ ଓ ହେନ୍ତାଳ ବନ ସୃଷ୍ଟି ଦ୍ୱାରା ଏସବୁ ବିପର୍ଯ୍ୟୟକୁ ପ୍ରତିହତ କରାଯାଇପାରିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।ଏହି ବିଶେଷ ଚାରାରୋପଣ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ତରଫରୁ ନିକଟରେ ଦ୍ୱିତୀୟ ଥର ପାଇଁ ପ୍ରକୃତି ବନ୍ଧୁ ପୁରସ୍କାର ପାଇଥିବା ଅମରେଶ ନରେଶ ସାମନ୍ତ, ଅନୁଷ୍ଠାନର ସମ୍ପାଦକ ଦିଲୀପ ପଲାଇ, ବିଶ୍ୱାଳୀ ଗ୍ରାମର ପରିକ୍ଷିତ ସାମଲ, ଅମୂଲ୍ୟ ଦାସ, ବିଶ୍ୱଜିତ ଦାସ, ଜିତେନ୍ଦ୍ର ସାମଲ, ଦେବେନ୍ଦ୍ର ସାମଲ, ଶ୍ରୀଧର ସାମଲ ପ୍ରମୁଖ ସାମିଲ ହୋଇଥିଲେ।ଏହି ଚାରରୋପଣ କାର୍ଯ୍ୟକ୍ରମ ଆଗାମୀ ମେ ମାସ ପର୍ଯ୍ୟନ୍ତ ନିୟମିତ ବ୍ୟବଧାନରେ ଚାଲୁ ରହିବ। ଅନୁଷ୍ଠାନର ଏଭଳି ମହତ କାର୍ଯ୍ୟକ୍ରମକୁ ପାରାଦୀପ ଅଞ୍ଚଳର ବୁଦ୍ଧିଜୀବୀ ଓ ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ ପ୍ରଶଂସା କରିଛନ୍ତି।

# ଏମ୍‌ଜିଏମ୍ ଷ୍ଟିଲ୍ କାରଖାନାରେ ବିପିଏନ୍‌ଏସ୍‌ଆଇର କର୍ମଶାଳା

**ଢେଙ୍କାନାଳ, ୧୮ ।୩(ସମିସ):** ଢେଙ୍କାନାଳ ଜିଲ୍ଲାର ଓଡାପଡ଼ା ବ୍ଲକ ଅନ୍ତର୍ଗତ କୁରୁଣ୍ଡିଗ୍ରାମ ଠାରେ ଅବସ୍ଥିତ ଏମ୍‌ଜିଏମ୍ ଷ୍ଟିଲ କାରଖାନାରେ ବିପିଏନ୍‌ଏସ୍‌ଆଇର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।



ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଅଧୀନସ୍ଥ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ତରଫରୁ ଏମ୍‌ଜିଏମ୍ ଷ୍ଟିଲ କାରଖାନାରେ ଡିଆର୍‌ଆଇ ମେକିଙ୍ଗ, ଏମରଜିଙ୍ଗ ଟେକ୍ନୋଲୋଜି, ସଷ୍ଟେନେବିଲିଟି, ଏନର୍ଜି କନଜରଭେସନ୍ ଇନ ଡିଆରଆଇ ପ୍ରସେସ ଏବଂ ଇମୋସନାଲ ଇଣ୍ଟେଲିଜେନ୍ସ ସମ୍ବନ୍ଧୀୟ କର୍ମଶାଳା ଆୟୋଜନ ହୋଇଯାଇଛି । ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରୀତମ୍ ପୁରକାୟସ୍ଥ ସ୍ୱାଗତ ଭାଷଣ ଆଭାସୀ ମାଧ୍ୟମରେ ଅନୁଷ୍ଠାନର କାର୍ଯ୍ୟ ଖସଡା, ଉପାଦେୟତା ଏବଂ ଇସ୍ପାତ ଶିଳ୍ପ ବିଷୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ । ବିପିଏନଏସଆଇ ତରଫରୁ ପ୍ରଫେସର ସୁରେଶ ଚନ୍ଦ୍ର ପଟ୍ଟନାୟକ, ପୂର୍ବତନ ପ୍ରଫେସର ଆଇଜିଆଇଟି ସରାଙ୍ଗର ଡିଆର୍‌ଆଇ ମେକିଙ୍ଗ ଏମରଜିଙ୍ଗ ଟେକ୍ନୋଲୋଜି ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହିତ ଏମ୍‌ଜିଏମ୍‌ଷ୍ଟିଲ ପ୍ଲାଣ୍ଟର ଇଞ୍ଜିନିୟରମାନଙ୍କୁ ପଢ଼ାଇବା ସଙ୍ଗେ ସଙ୍ଗେ ସେମାନଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ । ପରେ ପରେ ଶୈକ୍ଷଣିକ ସନ୍ଦର୍ଭ ମାଧ୍ୟମରେ ପ୍ରଫେସର ଶରତ ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ପ୍ରଫେସର ଆଇଆଇଟି ଖଡଗପୁର ସଷ୍ଟେନେବିଲିଟି, ଏନର୍ଜି କନଜରଭେସନ୍ ଇନ୍‌ଡିଆରଆଇ ପ୍ରସେସ ବିଷୟରେ ବୁଝାଇଥିଲେ । ଅପରାହ୍ନରେ ଡ. ସୀମାନ୍ତ ମହାନ୍ତି ଇମୋସନାଲ ଇଣ୍ଟେଲିଜେନ୍ସ ସମ୍ବନ୍ଧୀୟ ଦୀକ୍ଷାନ୍ତ ଭାଷଣ ଉପସ୍ଥାପନ କରିଥିଲେ । ଏମ୍‌ଜିଏମ୍‌ଷ୍ଟିଲ କାରଖାନାର ମୁଖ୍ୟ ଏବଂ ଇଡି ଟେକ୍ନିକାଲ୍ ଷ୍ଟିଲ୍ ଡିଭିଜନ ଗୋପବନ୍ଧୁ ଦାସ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର କର୍ମଶାଳାକୁ ପ୍ରଶଂସା କରିଥିଲେ । ବିପିଏନଏସଆଇର ଇଂ ପ୍ରଦୀପ କୁମାର ମହାଲିକ କର୍ମଶାଳାରେ ସହଯୋଗ କରିଥିଲେ । ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ପ୍ରଫେସର ସତ୍ୟପ୍ରିୟ ଶତପଥୀ କର୍ମଶାଳା ସଞ୍ଚାଳନ କରିଥିଲେ ।

# ଗାଡ଼ି ଧକ୍କାରେ ଯୁବକ ମୃତ; ଗ୍ରାମବାସୀଙ୍କ ରାସ୍ତାରୋକ

**ଗଁଦିଆ, ୧୮ ।୩(ସମିସ)**



ଗଁଦିଆ ବ୍ଲକ ଅନ୍ତର୍ଗତ ଷଡଙ୍ଗୀଠାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକର ମୃତ୍ୟୁ ଘଟିଛି । ଏନେଇ ଉତ୍ୟକ୍ତ ଗ୍ରାମବାସୀ ରାସ୍ତାରୋକ କରିବା ସହିତ କ୍ଷତିପୂରଣ ଦାବି କରିଛନ୍ତି ।

ଗଁଦିଆ ଥାନା ଅନ୍ତର୍ଗତ ଷଡ଼ଙ୍ଗୀ ଗ୍ରାମର କୁମୁଦ ଦେହୁରୀଙ୍କ ପୁଅ ହରିହର ଦେହୁରୀ (୩୩) ସୋମବାର ଭୋର ସମୟରେ ରାସ୍ତାରେ ଚାଲିଚାଲି ଯାଉଥିବା ବେଳେ ଗଁଦିଆ ପାର୍ଶ୍ୱରୁ ଚଢେଇଧରା ଆଡକୁ ଯାଉଥିବା ଏକ ଅଜଣା ଭାରିଯାନ ଷଡ଼ଙ୍ଗୀ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ତାଙ୍କୁ ଦେଇ ମୁଣ୍ଡ ଉପରେ ଚଢିଯାଇଥିଲା । ଘଟଣାସ୍ଥଳରେ ହରିହରଙ୍କ ମୃତ୍ୟୁ ହୋଇଥିଲା । ଖବର ପାଇ ପରିବାର ସଦସ୍ୟ ଓ ଗ୍ରାମବାସୀମାନେ ଘଟଣା ସ୍ଥଳରେ ପହଁଞ୍ଚି ଥିଲେ । ମୃତକଙ୍କ ପରିବାରକୁ ସରକାରୀ ସହାୟତା ଓ ଗାଡିକୁ ଜବତ କରିବା ଦାବିରେ ଷଡ଼ଙ୍ଗୀ ଗୋଲେଇ ଛକଠାରେ ଟାୟାର ଜାଳି ରାସ୍ତାରୋକ କରିଥିଲେ । ସ୍ଥାନୀୟ ତହସିଲଦାର ସୁଧାଂଶୁ ଶେଖର ସାଓ ଓ ଗଁଦିଆ ଥାନା ଅଧିକାରୀ ସଲିଳ କୁମାର ପ୍ରଧାନ, ପୁଲିସ ସବ୍‌ଇନ୍ସପେକ୍ଟର ସୁବ୍ରତ କୁମାର ସାହୁ, ଅତିରିକ୍ତ ସବ୍‌ଇନ୍ସପେକ୍ଟର ରମେଶ ଚନ୍ଦ୍ର ବଲାମୁଚ ଓ ମୁରଲୀଧର ନାୟକ ଧାରଣାରତଙ୍କୁ ବୁଝାସୁଝା କରିଥିଲେ । ତୁରନ୍ତ ତହସିଲଦାରଙ୍କ ପକ୍ଷରୁ ରେଡ଼କ୍ରସରୁ ନଗଦ ୨୦ହଜାର ଟଙ୍କା ଓ ଗଁଦିଆ ଥାନା ଅଧିକାରୀଙ୍କ ପକ୍ଷରୁ ୫ହଜାର ଟଙ୍କା ମୃତକଙ୍କ ପରିବାରକୁ ପ୍ରଦାନ କରାଯାଇଥିଲା ।

ସେହିପରି ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲଙ୍କ ପକ୍ଷରୁ ୨୫ହଜାର ଟଙ୍କାର ସହାୟତା ରାଶି ଗଁଦିଆ ବ୍ଲକ ବିଜେଡି ଏସ୍‌ସି ମୋର୍ଚ୍ଚା ସଭାପତି ଦୁଷ୍ମନ୍ତ କୁମାର ମଲିକ ମୃତକର ପରିବାରକୁ ପ୍ରଦାନ କରିଥିଲେ । ସ୍ଥାନୀୟ ସରପଞ୍ଚ ସମ୍ବିତ କୁମାର ଓଝା ୨ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ । ଦୀର୍ଘ ଦୁଇଘଣ୍ଟା ପରେ ଧାରଣା ହଟିଥିଲା । ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ପଠାଇଛି ।

# ଖଡ଼ଗପ୍ରସାଦ ଗ୍ରାମରେ ଝାଡ଼ାବାନ୍ତି; ଶତାଧିକ ଆକ୍ରାନ୍ତ

## ● ଦୂଷିତ ପାଣି ଯୋଗୁ ବ୍ୟାପିଥିବା ଆଶଙ୍କା



**ଢେଙ୍କାନାଳ, ୧୮ ।୩(ସମିସ):** ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଖଡଗପ୍ରସାଦ ଗ୍ରାମରେ ଶତାଧିକ ଲୋକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି । ଖଡଗପ୍ରସାଦ ଗ୍ରାମ ନିକଟରେ ଥିବା ବ୍ରାହ୍ମଣୀନଦୀର ଦୂଷିତ ପାଣି ପିଇ ଏହି ଝାଡାବାନ୍ତି ରୋଗ ବ୍ୟାପିଥିବାର ସୂଚନା ମିଳିଛି । ଗତ ୩ଦିନ ହେବ ଖଡଗପ୍ରସାଦ ଗ୍ରାମରେ ଝାଡାବାନ୍ତି ଓ ପେଟ ଯନ୍ତ୍ରଣା ଶିକାର ହୋଇ ଗ୍ରାମବାସୀମାନେ ମେରାମଣ୍ଡଳୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ବେଳେ ଅନ୍ୟକେତେକ ଚିକିତ୍ସିତ ହେଉଛନ୍ତି । ଖଡଗପ୍ରସାଦ ଗ୍ରାମରେ ଏକ ପାନୀୟ ଜଳ ପ୍ରକଳ୍ପ ନଷ୍ଟ ହୋଇ ପଡ଼ିବାରୁ ଗ୍ରାମବାସୀମାନେ ନିକଟରେ ଥିବା ବ୍ରାହ୍ମଣୀ ନଦୀର ଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରୁଥିବା ପ୍ରକାଶ କରିଛନ୍ତି । ସୋମବାର ବିଧାୟକ ସୁଧୀର କୁମାର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏକ ଡାକ୍ତରୀ ଟିମ୍ ପଠାଇ ଗ୍ରାମବାସୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଛନ୍ତି । ଢ଼େଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ୪ଜଣ, ମେରାମଣ୍ଡଳୀରେ ୨ଜଣ, ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ଜଣେ ଚିକିତ୍ସିତ ହେଉଥିବାର ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀଙ୍କଠାରୁ ଜଣାପଡ଼ିଛି ।

# ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା



**ଢେଙ୍କାନାଳ, ୧୮ ।୩(ସମିସ):** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ବ୍ଲକ ଅନ୍ତର୍ଗତ କୋଟଗରା ପଞ୍ଚାୟତରେ ସୋମବାର ଭୟାବହ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ପୋଡି ଯାଇଛି । ସୋମବାର ପୂର୍ବାହ୍ନରେ କୋଟଗରା ପ୍ରଧାନ ସାହିର ପ୍ରଶାନ୍ତ ମଲ୍ଲିକଙ୍କ ଘରେ ହଠାତ ନିଆଁ ଲାଗିଯାଇଥିଲା । ଏହି ଅଗ୍ନିକାଣ୍ଡରେ ଦୁଇ ବଖରା ଘର ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇ ହୋଇଯାଇଛି । ଅଗ୍ନିକାଣ୍ଡରେ ଘରେ ଥିବା ସମସ୍ତ ଆସବାବପତ୍ର ସହିତ ଧାନଚାଉଳ ସବୁକିଛି ପୋଡିଯାଇଛି । ଫଳରେ ପ୍ରାୟ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡି ପାଉଁଶ ହୋଇଯାଇଛି । କାମାକ୍ଷାନଗର ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚିବା ପୂର୍ବରୁ ସବୁ ପୋଡି ପାଉଁଶ ହୋଇଯାଇଥିଲା । ପ୍ରଶନ୍ନ ମଲ୍ଲିକଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ଘର ଓ ଖାଦ୍ୟ ପଦାର୍ଥ ଯୋଗାଇ ଦେବାକୁ କୋଟଗରା ପୂର୍ବତନ ସମିତି ସଭ୍ୟ ଅଶ୍ୱିନୀ ପରିଡ଼ା ଦାବି କରିଛନ୍ତି ।

# ରାସୋଳ ଶିଶୁମନ୍ଦିରରେ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

**ରାସୋଳ, ୧୮ ।୩ (ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ରାସୋଳ ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁ ବାଟିକା ବିଭାଗର ଘରହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱହିନ୍ଦୁ ପରିଷଦର ରାଜ୍ୟ ସାଧାରଣ ସମ୍ପାଦକ ମହେଶ କୁମାର ସାହୁ ମୁଖ୍ୟବକ୍ତା ଭାବରେ ଉପସ୍ଥିତ ରହି ଘରକୁ କିପରି ବିଦ୍ୟାଳୟ ଭଳି ଗଢି ତୋଳିବା ଓ ଏଥିପାଇଁ ମା'ମାନଙ୍କର



ଭୂମିକା କ'ଣ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ୧୫୦ରୁ ଉର୍ଦ୍ଧ୍ୱ ମା' ଭାଗ ନେଇଥିଲେ । ଉକ୍ତ କର୍ଯ୍ୟକ୍ରମରେ ଶିଶୁମନ୍ଦିରର ସଭାପତି ରମେଶ ଚନ୍ଦ୍ର ସାହୁ, ଉପସଭାପତି ବିଚିତ୍ରା ନନ୍ଦ ସାହୁ, ସମ୍ପାଦକ ସନ୍ତୋଷ କୁମାର ସାହୁ, ପ୍ରଧାନାଚାର୍ଯ୍ୟ ପ୍ରତାପ କୁମାର ରଥ ଓ ଶିଶୁବାଟିକା ପ୍ରମୁଖ ପ୍ରଣତୀ ମିଶ୍ର ତଥା ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ ।

# ଲାଉଲଇ ହିଙ୍ଗୁଳା ମନ୍ଦିରରେ ମହାଯଜ୍ଞ

**ଗଁଦିଆ, ୧୮ ।୩ (ସମିସ) :** ଗନ୍ଦିଆ ବ୍ଲକ ଅନ୍ତର୍ଗତ ଲାଉଲଇ ଗ୍ରାମର ଆରାଧ୍ୟା ଦେବୀ ମାହିଙ୍ଗୁଳାଙ୍କର ବାର୍ଷିକ ଜନ୍ମ ଉତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାରଠାରୁ ଆରମ୍ଭ ହୋଇ ସୋମବାର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଛି । ମା'ଙ୍କ ପୂଜା ପାଇଁ ପ୍ରଥମ ଦିବସରୁ ଅଙ୍କୁରରୋପଣ, ସୂର୍ଯ୍ୟପୂଜା, ଗୋ-ପୂଜା, ଷୋଡ଼ଶ ଉପଚାର ଲାଗି ହୋଇଥିଲା । ପ୍ରତ୍ୟହ ପ୍ରସାଦ ସେବନ, ଚଣ୍ଡିପାଠ, ହୋମ ଆରମ୍ଭ ହୋଇଥିଲା । ଲାଉଲଇ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଶାନ୍ତି ଶୃଙ୍ଖଳା ସହ ଏହି କାର୍ଯ୍ୟ ସଫଳ ହୋଇଥିଲା । ଏହି ଯଜ୍ଞରେ ସମସ୍ତ ଗ୍ରାମବାସୀ ଏବଂ କମିଟି ସଦସ୍ୟ ସହଯୋଗ କରିଥିଲେ ।

# ଶିମିଳିଆ ଗ୍ରାମରେ ରାଧାକୃଷ୍ଣ ମନ୍ଦିରର ରତ୍ନମୁଦ ଉତ୍ସବ



**ଢେଙ୍କାନାଳ, ୧୮।୩ (ସମିସ):** ଢେଙ୍କାନାଳ ପୌରାଞ୍ଚଳ ଅନ୍ତର୍ଗତ ଶିମିଳିଆ ଗ୍ରାମରେ ରାଧାକୃଷ୍ଣ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ସକାଳ ୭ଟାରେ କଳସଯାତ୍ରା ପରେ ସୂର୍ଯ୍ୟ ପୂଜା, ମଣ୍ଡଳ ପୂଜା ଓ ହୋମକାର୍ଯ୍ୟ କରାଯାଇଥିଲା । ପୂଜକ ରୁଦ୍ରନାରାୟଣ କବିଶତପଥୀ ପୌରୋହିତ୍ୟ କାର୍ଯ୍ୟ କରିଥିଲେ । ଗ୍ରାମର ରମଣୀ ରଞ୍ଜନ ଦାସ, ବଳଭଦ୍ର ବେହେରା, ବଲ୍ଲବ ବେହେରା, ନଗେନ୍ ବେହେରା, ରାଧୁଆ ବେହେରା, ମୂରଲୀଧର ଷେଣ୍ଢେ, ବିନୋଦ ବେହେରାଙ୍କ ସହିତ ଶିମିଳିଆ ଗୋପାଳ ସମାଜର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ମଧ୍ୟାହ୍ନରେ ସଂକୀର୍ତ୍ତନ ମଣ୍ଡଳୀଙ୍କ ସମେତ ଭକ୍ତମାନେ ପ୍ରସାଦ ସେବନ କରିଥିଲେ ।

# କୋଲକାତାକୁ ଗୋଚାଲାଣ ଘଟଣା
# ଆଇଆର୍‌ବି କନ୍‌ଷ୍ଟେବଲଙ୍କ ସମେତ ୪ ଗିରଫ

**ଢେଙ୍କାନାଳ, ୧୮ ।୩ (ସମିସ) :** ଢେଙ୍କାନାଳ ସହର ଦେଇ ବେଧଡକ ଚାଲିଛି ଗୋମାଂସ ଓ ଗୋ ଚାଲାଣ । ଗତ ମଙ୍ଗଳବାର ବିଳମ୍ବିତ ରାତିରେ ୪ଟି ପିକଅପ ଭ୍ୟାନରେ ଗୋଚାଲାଣ ହେଉଥିବାବେଳେ ଖବର ପାଇଁ ପୁଲିସ ପିଛା କରି ତିନୋଟି ପିକ୍‌ଅପ ଭ୍ୟାନକୁ ଜବତ କରିବା ସହିତ ୨ ଜଣକୁ ଅଟକ ରଖିଥିଲା । ଏହି ଗୋଚାଲାଣରେ ଆଇଆର୍‌ବି ବାଟାଲିୟନର କନେଷ୍ଟବଳ ସମ୍ପୃକ୍ତ ଥିବା ଜଣାପଡ଼ିଛି ।

କଟକ ଜିଲ୍ଲା ତିଗିରିଆ ଥାନା ଅଞ୍ଚଳରୁ ମଙ୍ଗଳବାର ରାତିରେ ସପ୍ତଶଯ୍ୟା ରାସ୍ତାଦେଇ ୪ଟି ପିକଅପ ଭ୍ୟାନ ଗୋରୁ ବୋଝେଇ କରି ଆସୁଥିବା ଟାଉନଥାନା ପୁଲିସ ଖବର ପାଇଥିଲା । ଚଢଉ କରି ୩ଟି ପିକଅପ୍ ଭ୍ୟାନ (ନଂ.ଓଡି୦୬ଏଲ୨୩୨୭, ଓଡି୦୫ବିଇ-୫୫୭୪ ଓ ଓଡି୦୫ବିଆର୍-୭୦୫୧)କୁ ଅଟକ ରଖିଥିଲା । ପୁଲିସକୁ ଚକ୍‌ମା ଦେଇ ଅନ୍ୟଗୋଟିଏ ପିକଅପ୍ ଭ୍ୟାନ ପୁଣି ତିଗିରିଆ ଅଞ୍ଚଳକୁ ଚାଲିଯାଇଥିଲା । ପୁଲିସ ଗାଡିଗୁଡିକୁ ଥାନାକୁ ଆଣିବା ପରେ ଗାଡିରେ ଥିବା ୧୨ଟି ଗାଇ, ୧୩ଟି ବଳଦ ଏବଂ ବାଛୁରି ଉଦ୍ଧାର କରିଥିଲା । ଏହି ଘଟଣାରେ ପୁଲିସ ମୁଖ୍ୟ ମୌସୁମୀ ଖାନ୍ ଏବଂ ଉସ୍‌ମାନ ଖାନକୁ ଅଟକ ରଖିଥିବାବେଳେ ଜଣେ ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଥିଲା ।

ପ୍ରକାଶ ଥାଉକି, ଗତ ଫେବୃଆରୀ ୨୮ ତାରିଖ ବିଳମ୍ବିତ ରାତିରେ ଏକ ଗୋମାଂସ ବୋଝେଇ ଟ୍ରକ୍ (ନଂ.ୟୁପି୧୫ଜିଟି-୭୦୫୬) ସପ୍ତଶଯ୍ୟା ରାସ୍ତା ଦେଇଯାଉଥିବାବେଳେ ପୁଲିସ ଟ୍ରକ ସହିତ ଗାଡି ଡ୍ରାଇଭର ମୁକେତ ଖାନ(୪୧)କୁ ଗିରଫ କରିଥିଲା । ଗାଡିରେ ପ୍ରାୟ୧୦ଟନ ଗୋମାଂସ କୋଲକାତାକୁ ଚାଲାଣ କରାଯାଉଥିଲା । ଏହି ଘଟଣାର ତଦନ୍ତ କରି ଟାଉନ ଥାନା ପୁଲିସ ତିଗିରିଆ ଥାନା କରଡାପଲ୍ଲୀ ଅଞ୍ଚଳର ଭଞ୍ଜନଗର ଆଇଆରବି ୮ ବାଟାଲିୟନର କନେଷ୍ଟବଳ ଭାବରେ କାର୍ଯ୍ୟ କରୁଥିବା ହମିଦ ଖାଁ(୨୯), ହାଇବୁ ରେମାନ ଖାଁ(୬୨), ମୁବାରକ ଖାନ(୩୭) ଓ ତାହିର ଖାନ(୩୫)କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ଏମାନେ ଦୀର୍ଘଦିନ ଧରି ଗୋଚାଲାଣ କରିବା ସହିତ କୋଲକାତାର ବ୍ୟବସାୟୀଙ୍କ ସହିତ ସମ୍ପର୍କ ରଖି ବ୍ୟବସାୟ ଚଳାଇଥିଲେ ।

## 'ରାଜକୀୟ ଖାଦ୍ୟମେଳା'ରେ ଢେଙ୍କାନାଳ ଯୁବରାଣୀଙ୍କ ସଫଳତା

# ବରା, ମଗଜି ସହିତ ଶିମ୍ବରାଇ କରି ସୁନାମ



**ଢେଙ୍କାନାଳ, ୧୮ ।୩ (ସମିସ)**

ଢେଙ୍କାନାଳର ଯୁବରାଣୀ ଗୁଜୁରାଟ ଅହମ୍ମଦାବାଦଠାରେ ଅନୁଷ୍ଠିତ ରାଜକୀୟ ଖାଦ୍ୟମେଳାରେ ଅଂଶଗ୍ରହଣ କରି ସୁନାମ ଅର୍ଜନ କରିଥିବାର ଜଣାପଡ଼ିଛି । ମେଳାରେ ଢେଙ୍କାନାଳ ବରା, ମଗଜି ସହିତ ଶିମ୍ବ ରାଇ ସହିତ ଅନ୍ୟ ଖାଦ୍ୟ ପ୍ରସ୍ତୁତ କରି ଏହି ସଫଳତା ପାଇଛନ୍ତି ।

ଗୁଜୁରାଟ ପ୍ରଦେଶ ସୌରାଷ୍ଟ୍ର ୱାଙ୍କାନେର୍ ରାଜ୍ୟର ରାଜକନ୍ୟା କାପାର୍ଟର ଅବସରପ୍ରାପ୍ତ ମହାନିର୍ଦ୍ଦେଶକ ମହାରାଜ କୁମାର ରଣଜିତ ସିଂହଙ୍କ ସୁପତ୍ରୀ ତଥା ଢେଙ୍କାନାଳ ରାଜା ବ୍ରିଗେଡ଼ିୟର କାମାକ୍ଷା ପ୍ରସାଦ ସିଂହଦେଓଙ୍କ ବୋହୁ ଯୁବରାଜ ଅମରଜ୍ୟୋତି ସିଂହଦେଓଙ୍କ ଧର୍ମପତ୍ନୀ ମୀନାଲ୍ କୁମାରୀ ସମ୍ପ୍ରତି ଗୁଜୁରାଟ ଅହମ୍ମଦାବାଦ ସହରର ସାବରମତୀ ନଦୀ କୂଳରେ ଅନୁଷ୍ଠିତ ରାଜକୀୟ ଖାଦ୍ୟ ପ୍ରସ୍ତୁତି କର୍ମଶାଳାରେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ଫୁଡ ଫର ଥଟ ବା ଅନୁଚିନ୍ତା ପାଇଁ ଖାଦ୍ୟ ଶୀର୍ଷକ କର୍ମଶାଳାରେ ବାଲାସିନୋରେ, ଛୋଟାଇଦେପୁର, ମହାରାଷ୍ଟ୍ର କୋହ୍ଲାପୁରର ମାନକାର, ଗଣ୍ଡୋଳ ଓ ଓଡ଼ିଶାର



ରାଜପରିବାର ପ୍ରତିନିଧିତ୍ୱ କରିଥିଲେ । ଏହି କର୍ମଶାଳାରେ ଗୁଜୁରାଟର ମୁଖ୍ୟ ଶାସନ ସଚିବ ରାଜକୁମାର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ନଗର ଉନ୍ନୟନ ଏବଂ ଗୃହନିର୍ମାଣ ବିଭାଗର ପ୍ରମୁଖ ଶାସନ ସଚିବ ଅଶ୍ୱିନୀ କୁମାର, ସାବରମତି ରିଭର ଫ୍ରଣ୍ଟର ଡେଭଲପମେଣ୍ଟ କର୍ପୋରେସନର ଅଧକ୍ଷ କେଶବ ବର୍ମା ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ । ଯୁବରାଣୀ ମୀନାଲ କୁମାରୀଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଢେଙ୍କାନାଳର ବରା ଘୁଗୁନୀ ସହିତ ପିଠୋଉ ବଟାଦିଆ ପାଳଛତୁ ଭଜା ଓ ମିଷ୍ଟାନ୍ନରେ ଛେନାପୋଡ, ଫେଣି, ଢେଙ୍କାନାଳର ମଗଜି ଲଡୁ ପ୍ରଦାନ କରାଯାଇଥିଲା । ମୁଖ୍ୟ ଭୋଜନ ପାଇଁ କାନିକା, ଡାଲମା, ଦହିବାଇଗଣ, ବଡିଚୁରା, ଘାଣ୍ଟ ତରକାରୀ, ଶିମ୍ବ ରାଇ, ଟମାଟୋ ଖଜୁରା ଖଟା ରହିଥିଲା । କର୍ମଶାଳାରେ ଅଧିକ ଭାବରେ ଶିମ୍ବ ରାଇ, ଟମାଟୋ ଖଜୁରା ଖଟାକୁ ଦୁଇଥର ପ୍ରସ୍ତୁତ କରାଯାଇଥିଲା । ଢେଙ୍କାନାଳ ଜିଲ୍ଲା ଜଗନ୍ନାଥ ସେବା ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ ଏହି ସଫଳତାକୁ ନେଇ ଯୁବରାଣୀ ମୀନାଲ କୁମାରୀଙ୍କୁ ପରିଷଦ ତରଫରୁ ଶୁଭେଚ୍ଛା ଜଣାଇଛନ୍ତି ।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦର ରାଜ୍ୟ ସମାବେଶ



**ଢେଙ୍କାନାଳ, ୧୮ ।୩ (ସମିସ):** ସହର ନିକଟବର୍ତ୍ତୀ ସୁନ୍ଦରୀଖାଲ ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭା ଗୃହରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ରାଜ୍ୟ ସମାବେଶ ଅନୁଷ୍ଠିତ ହୋଇଯାଇଛି । ପରିଷଦର ରାଜ୍ୟ ସଭାପତି ଡ. ଅଭୟ ନାୟକ ଅଧ୍ୟକ୍ଷତା କରିଥିଲେ ।

ରାଜ୍ୟ ଉପସଭାପତି ଡା. ପ୍ରକାଶ ପାଣିଗ୍ରାହୀ, ଡ. ସୁରପ୍ରିୟା ମିଶ୍ର, ସାଧାରଣ ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର, ସମ୍ପାଦକ ରାମକୃଷ୍ଣ ତ୍ରିପାଠୀ, ସଂଗଠନ ସମ୍ପାଦକ ନାରାୟଣ ନାୟକ, ଢେଙ୍କାନାଳ ଜିଲ୍ଲା ସଭାପତି ଡ. ଦୁର୍ଗାମାଧବ ପୃଷ୍ଟି ଓ ସାଧାରଣ ସମ୍ପାଦକ କବି ବାହାଦରୂ ପାଟସାହାଣୀ ପ୍ରମୁଖ ମଞ୍ଚାସୀନ ଥିଲେ । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ. ପ୍ରମୋଦିନୀ ଜେନା, ଡ. ପ୍ରମୋଦ ନାୟକ, ସୁଶ୍ରୀ ସଞ୍ଜୁକ୍ତା ପରିଚ୍ଛା, ଗିରିଜା ଶଙ୍କର ରଥ ପ୍ରମୁଖ ଉପସ୍ଥିତ ରହି ପରିଷଦର ଆଗାମୀ କାର୍ଯ୍ୟକ୍ରମ ଓ ବିଗତ ଦିନର କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ଏଥିରେ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା ।

ଢେଙ୍କାନାଳ ଜିଲ୍ଲା ସାହିତ୍ୟ ପରିଷଦର ଉପସଭାନେତ୍ରୀ ପ୍ରଭାତି ମହାପାତ୍ର, ସଦସ୍ୟା ନିବେଦିତା ରଥ, ବିଭୁତି ପରିଡ଼ା, ବାସୁଦେବ ସାହୁ, ଦୁଷ୍ମନ୍ତ ବାରିକ, ସାଧବ ବାରିକ, ସରସ୍ୱରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରର ପ୍ରଧାନ ଆଚାର୍ଯ୍ୟ ଓ ଗୁରୁଜୀ ଗୁରମାମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଡ. ପ୍ରମୋଦ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

